# କଣ୍ଟାବାଞ୍ଜି ଓ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ 'ଶଙ୍ଖ' ଜନସମ୍ପର୍କ

**ତୁରେକେଲା/ତୁଷୁରା, ୩୦।୧(ସମିସ)**

କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ତୁରେକେଲା ବ୍ଲକ ଅନ୍ତର୍ଗତ ଘୁନେଶ ଓ ବଡଡକଲା ପଞ୍ଚାୟତ, ଢୋଲମାନ୍ଦଳ ପଞ୍ଚାୟତରେ ଶଙ୍ଖ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପାନ୍ତ ଅଞ୍ଚଳ ବର୍ଲା, ଚଣ୍ଡିପଡା, କନ୍ଦୋବେଡା, ଖୁଜେନ, ବାନ୍ଧନପାଲି, ଘୁନେଶ, ଗୁର୍ଲ୍ଲାଗୁଡା, ବଡଡକଲା, ସାନଡଡକଲା, ତେତେଲଖୁଟି, ନାଗଫେନା, ଗଭରା, ବାହାବଳ, ବରିଆଲି ଆଦି ଗାଁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ବହୁବିଧ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ ଖାଁ, ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ବିଜେଡି ଜିଲ୍ଲା ଉପ ସଭପତି ଉମାକାନ୍ତ ସାହୁ, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝି, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲଙ୍କ ସହ ତୁରେକେଲା ବ୍ଲକ ବିଭିନ୍ନ ପଞ୍ଚାୟତରେ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ଅନେକ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।





ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଗୁଡଭେଲା ବ୍ଲକର ଜାମୁଟ ପଞ୍ଚାୟତରେ ମଙ୍ଗଳବାର ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଅଜୟ ନାୟକ, ସହପର୍ଯ୍ୟବେକ୍ଷକ ଭାବେ ସ୍ନେହାଞ୍ଜଳି ମହାନ୍ତି ଓ ଅଶୋକ ଜେନାଙ୍କ ସହ ଅଜୟ ଜୟସ୍ୱାଲ, ବିକାଶ ଶର୍ମା, ରାମଶଙ୍କର ବାଗ, ରାକେଶ ବାଗ, ବାଳକ ବାଗ, ନିରୋଦ ନାଗ, ସୋମ ଭୋଇ, ବିଭୁ ସାହୁ, ରଘୁନାଥ ଦାସ, ପପିନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୀତା ବିଶି, ବିଜୁମହିଳା ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦିକା ରମାକାନ୍ତି ପୁଟେଲ ଏବଂ ଗୁଡଭେଲା ବ୍ଲକର ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ।

# ଘଣ୍ଟା ଘଣ୍ଟା ଧରି ଫାଟକ ବନ୍ଦ; ବଢୁଛି ଜନଅସନ୍ତୋଷ

**ଟିଟିଲାଗଡ଼, ୩୦।୧(ସମିସ):** ଟିଟିଲାଗଡରୁ କେସିଙ୍ଗା ମଧ୍ୟରେ ଯାଇଥିବା ରେଳପଥ ଅନ୍ତର୍ଗତ ଇଞ୍ଜିନିୟରିଂ ଗେଟ ନଂ ୧୬୪ କତରକେଲା ରେଳ ଫାଟକ ଦୀର୍ଘ ସମୟ ଧରି ବନ୍ଦ ରହୁଛି। ଏହାକୁ ନେଇ ସ୍ୱାଭାବିକ ଚଳାଚଳ ପ୍ରଭାବିତ ହେଉଥିବା ବେଳେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। ଏହା ମୁଖ୍ୟରାସ୍ତା ପାଲଟିଥିବା ବେଳେ କତରକେଲା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏହି ରେଳ ଫାଟକ ନିୟମିତ ଘଣ୍ଟା ଘଣ୍ଟା ଧରି ବନ୍ଦ ରହିବା ଯୋଗୁଁ ଏଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାସହ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରକାଶଯୋଗ୍ୟ ଯେ କିଛିଦିନ ପୂର୍ବରୁ ଏହି ରାସ୍ତାଦେଇ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ସ୍ଥାନୀୟ ସରପଞ୍ଚ ରୁକଧର ଘିଭେଲାଙ୍କ ନେତୃତ୍ୱରେ ଗ୍ରାମବାସୀ ଏକ ଭୂତଳ ପୋଲ ନିର୍ମାଣ ପାଇଁ ଦାବି ଜଣାଇଥିଲେ। ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀଙ୍କ ସହ ଛାତ୍ରଛାତ୍ରୀ, ଏପରିକି ଆମ୍ବୁଲାନ୍ସ ମଧ୍ୟ ଫାଟକ ବନ୍ଦ ଯୋଗୁଁ ଦୀର୍ଘ ସମୟ ଧରି ଏଠାରେ ଛିଡା ରହୁଥିବା ଦେଖିବାକୁ ମିଳୁଛି। ରେଳ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# କୁଶପାଲିରେ ଅବକାରୀ ପୁଲିସ ଚଢ଼ଉ

**ତୁରେକେଲା,୩୦।୧(ସମିସ):** ତୁରେକେଲା ଥାନା କୁଶପାଲି ଗାଁରେ ବେଇଆଇନ ଦେଶୀ ମଦ ତିଆରି ଆଡ୍ଡାରେ କଣ୍ଟାବାଞ୍ଜି ଅବକାରୀ ପୁଲିସ ଚଢ଼ଉ କରି ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କୁଶପାଲି ଗାଁର ମୁକୁନ୍ଦ ମାଝି ଓ ସଜାମଣି ମାଝି। ଅନେକ ଦିନ ହେଲା ବେଇଆନ ଭାବେ ଦେଶୀ ମଦ ତିଆରି କରି ବିକ୍ରି କରି ଆସୁଥିଲେ। କଣ୍ଟାବାଞ୍ଜି ଅବକାରୀ ଓଆଇସି ପ୍ରବିନ ସାହୁଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇ ମୋଟ ୩୪ ଲିଟର ମଦ ଜବତ କରାଯିବା ସହ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କଣ୍ଟାବାଞ୍ଜି ଅବକାରୀ ଥାନା ଏଏସଆଇ ଆର୍ତ୍ତତ୍ରାଣ ବହିଦାର, କନଷ୍ଟବଳ ଦେବାରଚନ ଭୋଇ, ମମତା ବେହେରା, ରଞ୍ଜନ ମିଶ୍ର, ଆଶିଷ ପୁଟେଲ ପ୍ରମୁଖ ସାମିଲ ଥିଲେ। ମୁକୁନ୍ଦ ଓ ସଜାମଣିଙ୍କୁ କଣ୍ଟାବାଞ୍ଜି ଉପ କାରାଗାର ପଠେଇ ଦିଆଯାଇ ଥିବା ଜଣାପଡ଼ିଛି।

# ତିନି କୋଟିରୁ ଊର୍ଦ୍ଧ୍ୱ ଅଟକଳର ପ୍ରକଳ୍ପ ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ

**ବଲାଙ୍ଗିର, ୩୦।୧(ସମିସ):** ବଲାଙ୍ଗିର ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅଟକଳରେ



ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ଓ ଶୁଭ ଉଦଘାଟନ କରିଛନ୍ତି ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ଏବଂ ପୌରାଧ୍ୟକ୍ଷା ଲିକା ସାହୁ। ୱାର୍ଡ ନଂ ୧, ୪, ୬, ୭, ୮, ୯, ୧୦, ୧୧, ୧୭, ୧୮, ୨୧ରେ ପୌରପରିଷଦ ତରଫରୁ ଦିଆଯାଇଥିବା ରାସ୍ତା, ଗୋଷ୍ଠୀଗୃହ, ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରାଯାଇଛି। କାର୍ଯ୍ୟକ୍ରମରେ କାଉନସିଲର ସସ୍ମିତା ନନ୍ଦ, ଲାଲୁ ପଟ୍ଟନାୟକ, ପିଙ୍କି କବାଟ, ଶମ୍ଭୁ ନାଗ, ନନ୍ଦିନୀ ପୋଢ, ପ୍ରମିଳା ନାଏକ, କିଶୋର କୁମ୍ଭାର, ପ୍ରଦିପ ମିଶ୍ର, ପ୍ରତିମା ଛତ୍ରିଆ, ଗଙ୍ଗାଧର ଚାନ୍ଦ, ଶତ୍ରୁଘନ ବାଗ ଉପସ୍ଥିତ ଥିବାବେଳେ ବରିଷ୍ଠ ନେତା ଓମକାର ନାୟକ, ନରସିଂହ ବାଗ, ପ୍ରଦ୍ୟୁତ ମିଶ୍ର, ଲୋଟାସ ଷଡଙ୍ଗୀ, ନରହରି ରାଉତ, ରାମ ନାଏକ, ଲିପିଶ୍ରୀ ସାଏ, ରାଜେଶ ଦୋରା, କ୍ଷୀରୋଦ ନାଗ, ମୁନୁ ପୋଢ ଉପସ୍ଥିତ ଥିଲେ।

# ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲୋଇସିଂହା, ୩୦।୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଯୋଗୀସରଡ଼ା ହରିହର ନୋଡାଲ ହାଇସ୍କୁଲର ୫୭ତମ ବାର୍ଷିକ ଉତ୍ସବ ଗୋଷ୍ଠୀ ଶିକ୍ଷାଧିକାରୀ ରୀନାକୁମାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ନିର୍ଦ୍ଦେଶକ ଚନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ସମୟକୁ ମୂଲ୍ୟବାନଭାବେ ବିବେଚନା କରିବାକୁ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବଲାଙ୍ଗିର ଲେଖକ ପରିଷଦ ସମ୍ପାଦକ ତଥା ପ୍ରଧାପକ ସନ୍ତୋଷ ରଥ ଯୋଗ ଦେଇଥିବା ବେଳେ ପ୍ରଧାନଶିକ୍ଷକ ଅଶୋକ ତ୍ରିପାଠୀ, ଆଗଲପୁର ବିଇଓ ଦିଲୀପ ପାଠି, ରାଜକୁମାର ମିଶ୍ର, ହରେକୃଷ୍ଣ ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ଛାତ୍ରୀ କୁସୁମ ମଞ୍ଜରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସଚ୍ଚିଦାନନ୍ଦ ଭୋଇ, ଛାତ୍ରୀ ପ୍ରତିଭାମୟୀ ତ୍ରିପାଠୀ ଏବଂ ଐଶ୍ୱର୍ଯ୍ୟା ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ରାଜକିଶୋର ମିଶ୍ରଙ୍କ ରଚିତ ବହି 'ମୋର ଗାଁ' ପୁସ୍ତକକୁ ଅତିଥିମାନେ



ଉନ୍ମୋଚନ କରିଥିଲେ। ଡୋଲାମଣି ସାହୁ ଧନ୍ୟବାଦ ଦେଇଥିବା ବେଳେ ଡିଲେଶ୍ୱର କୁଅଁର, ପ୍ରଶାନ୍ତ ଭୋଇ, ନରେଶ ଦ୍ୱାରୀ, କରୁଣା କର୍ତ୍ତି ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ରୟାଲ ଏକାଡେମୀ ସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୩୦।୧(ସମିସ):** ବଲାଙ୍ଗିର କଲେଜ ଛକସ୍ଥିତ ରୟାଲ ଏକାଡେମୀ ସ୍କୁଲର ବାର୍ଷିକ ଉତ୍ସବ ଟାଉନ ବାଳିକା ବିଦ୍ୟାଳୟରେ ପାଳନ କରାଯାଇଛି। ରୟାଲ ଏକାଡେମୀର ପ୍ରିନ୍ସପାଲ ନିରୁପମା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟଅତିଥି ଏବଂ ପ୍ରେରଣାର ସମ୍ପାଦକ ରଘୁନନ୍ଦନ ସିଂହ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟି ତଥା ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ ନେପାକ, ଟ୍ରଷ୍ଟି କୁନା ବାଗ, ଅଜିତ ପଣ୍ଡା, ଦୌଲତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ସହ ପରେ ଛାତ୍ରଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମହାକୁଡ ସଂଯୋଜନା କରିଥିଲେ। ଶିକ୍ଷକ ଅଭିଜିତ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଦିଶା ଇଂରାଜୀ ମାଧ୍ୟମ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ତୁରେକେଲା,୩୦।୧(ସମିସ):** କଣ୍ଟାବାଞ୍ଜି ସହରର ଦିଶା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇ। ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ହଂସରାଜ ଜୈନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷା ରୀନା ପୁଟେଲ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ନିର୍ଦ୍ଦେଶକ ଡୋଲାମଣୀ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ରିତାଞ୍ଜଳୀ ତାଣ୍ଡି, ଆଲିଶାରାଣୀ ନାଗ, ଡିମ୍ପଲ ସୋନୀ, ସୁପ୍ରିୟା ସୋନୀ, ମଧୁସ୍ମିତା ବେହେରା, ମହେଶ୍ୱତା ହାତୀ, ସୌଦାମିନୀ କହଁର ଉପସ୍ଥିତ ସହଯୋଗ କରିଥିଲେ। ସମାଜସେବୀ ତପନ ଦୀପ, ନରେନ୍ଦ୍ର ମହାରଣା, ବରୁଣ ଲୁହା, ବିଦ୍ୟାଳୟର ଏକାଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।



ସଇଁନ୍ତଲା ବ୍ଲକ କରମତଲା ଗିରି ଗୋବର୍ଦ୍ଧନ ମନ୍ଦିର ପରିସରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ କିଶୋରୀ ମେଳା।

# ରାସ୍ତା ନିର୍ମାଣ ପାଇଁ ବ୍ଲକ୍‌ର ଦ୍ୱାରସ୍ଥ ପଡ଼ାବାସୀ

**ଖପ୍ରାଖୋଲ, ୩୦।୧(ସମିସ):** ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଦମେଇପାଲି ପଞ୍ଚାୟତ ବଡଉଡେନ ଗ୍ରାମର ଡୁଙ୍ଗୁରିପାଲି ପଡାକୁ ରାସ୍ତା ନିର୍ମାଣ ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ପଡାବାସୀ। ଉକ୍ତ ପଡାରେ ୪୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ପଡାରୁ ବଡଉଡେନ ଗ୍ରାମକୁ ଗୋଟିଏ ରାସ୍ତା ଥିବା ବେଳେ ପଡାରୁ ଦୁଇ କିମି ବାଟକୁ ଦୀର୍ଘ ୬ ବର୍ଷ ହେଲା ଅବହେଳିତ କରି ରଖାଯାଇଥିବାରୁ ବିଭିନ୍ନ ବର୍ଗର ଲୋକ ଏବଂ ଶିଶୁମାନେ ହଇରାଣ ହେଉଛନ୍ତି। ଡୁଙ୍ଗୁରିପାଲି ପଡ଼ାରୁ ପଞ୍ଚାୟତ କାର୍ଯ୍ୟାଳୟ ଆଠ କିଲୋମିଟର ପଡୁଥିବା ବେଳେ ଅନେକ ସମୟରେ ହିତାଧିକାରୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଦୂରକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ପୂର୍ବରୁ ରାସ୍ତା ପାଇଁ ଅନେକ ଥର ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବାରୁ ପୁଣିଥରେ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଙ୍ଗୀତା ରଣା, ଚନ୍ଦ୍ରମା ରଣା, ପାଞ୍ଚ ରଣା, ଭଗବତୀ ମାଝୀ, ଗୁଲଗୁଲି ବେହେରା, ବାଲମତି ମାଝୀ, ଜସିବନ୍ତୀ ମାଝୀ ଓ ପଡାବାସୀ ଦାବିପତ୍ର ଦେବା ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ।



# ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ

**ବଲାଙ୍ଗିର, ୩୦।୧(ସମିସ):** ପୁଇଁତଲା ବ୍ଲକ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ସୁଦାମ ଚରଣ ଖମାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟାପିକା ପଦ୍ମାଳୟା ତ୍ରିପାଠୀ, ଅଧ୍ୟାପକ ଡ. ଦୈତାରୀ ପୂଜାରୀ, ମାଷ୍ଟର ଟ୍ରେନର ଭାବେ ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ମେହେର ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଠ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ପ୍ରେମାନନ୍ଦ ବିଶି ସଭା ସଂଯୋଜନା କରୁଥିବା ବେଳେ ଅଧ୍ୟାପକ ରାଧାକାନ୍ତ ସାହୁ, ଅଧ୍ୟାପକ ଡ. ଧନଞ୍ଜୟ ସେଠ, ଅଧ୍ୟାପକ ଡ. ପବିତ୍ର ଦଣ୍ଡସେନା, ଗ୍ରନ୍ଥାଗାରିକ ଦୁର୍ବାଦଳ ମିଶ୍ର, ଦିଗାମ୍ବର ପାଣ୍ଡେ, ଦୁଃଖିଶ୍ୟାମ ବାଘ ପ୍ରମୁଖ ସହଯୋଗ କରୁଛନ୍ତି।

# ଜିଲ୍ଲାସ୍ତରୀୟ ୩୧ତମ ସ୍କାଉଟ୍ ଗାଇଡ 'କେମ୍ପୋରୀ'

**ଖପ୍ରାଖୋଲ, ୩୦।୧ (ସମିସ):** ଖପ୍ରାଖୋଲ ବ୍ଲକ ଲୁହାସିଂହା ସର୍ବୋଦୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୧ତମ ବଲାଙ୍ଗିର ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ କେମ୍ପୋରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପାଟଣାଗଡ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଜିଲ୍ଲା ଶିକ୍ଷା ଶାରୀରିକ ଅଧିକାରୀ ପ୍ରଦୀପ ପାତ୍ର, ଲୁହସିଂହା ସରପଞ୍ଚ ସିମାଞ୍ଚଳ ପୁରୋହିତ, ଲୁହାସିଂହା ବିଦ୍ୟାଳୟର ଅଧ୍ୟକ୍ଷ ରାଧାକାନ୍ତ ସୁଆର, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସ୍କାଉଟ ଜିଲ୍ଲା ସାଂଗଠନିକ କମିଶନର ବିନୋଦ ମହାପାତ୍ର ତଥା ଗାଇଡ କମିଶନର ଜୟଶ୍ରୀ ପୋଢ଼ ମଞ୍ଚାସୀନ ହୋଇ ଥିଲେ। ଏହି ତିନିଦିନିଆ ଶିବିରରେ ଜିଲ୍ଲାର ୧୪ଟି ବ୍ଲକରୁ ୧୮୩ଜଣ ସ୍କାଉଟ, ୧୫୬ ଗାଇଡ, ୨୯ ଜଣ ସ୍କାଉଟ ମାଷ୍ଟର ଏବଂ ୨୦ ଜଣ ଗାଇଡ କ୍ୟାପଟେନ ଯୋଗ ଦେଇଛନ୍ତି। କେମ୍ପୋରି ମୁଖ୍ୟ ନୀଳମଣି ପଟେଲ, ସ୍କାଉଟ ଉପଦେଷ୍ଟା ନୀଳାଞ୍ଚଳ ଚିର୍ଗୁନଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ନାନ୍ଦୁପଲା ଉନ୍ନୀତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବପ୍ରସାଦ ମେହେର, ଘୁନସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା, ନବରତ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ଦାଶ, ବାଘମୁଣ୍ଡ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ଦାସ, ଭାନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ଖମାରୀ, ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ବେହେରା, ଗୋପୀନାଥ ସାହୁ, କିଶୋର ପାତ୍ର, ବିନୟ ମହରା, କୁଞ୍ଜବିହାରୀ ସରାଫ ଯୋଗ ଦେଇଥିଲେ।



# ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ



**ସଇଁତଲା, ୩୦।୧(ସମିସ):** ସଇଁନ୍ତଲା ବ୍ଲକ ଏବଂ ବେଲପଡ଼ା ବ୍ଲକ ସୀମାରେ ଅବସ୍ଥିତ ପ୍ରସିଦ୍ଧ ସପ୍ତର୍ଷି ମଠ, ଖପ୍ରାଡୁଙ୍ଗୁରିରେ ପାଟଣାଗଡ଼ ବନାଞ୍ଚଳ ଆନୁକୂଲ୍ୟରେ ପ୍ଲାଷ୍ଟିକମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ବାବା ପ୍ରଣବାନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପାଟଣାଗଡ଼ ରେଞ୍ଜର ଆନନ୍ଦଚନ୍ଦ୍ର ବିଶି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମଠ ତଥା ଆଖପାଖ ପରିସର ସଫେଇ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଟିକ୍ରାପଡ଼ା ଫରେଷ୍ଟର ଜୟକୃଷ୍ଣ ଭୋଇ, ବନ୍ଧପଡ଼ା ଫରେଷ୍ଟର ମଧୁସୂଦନ ଗଡୁଆ, ଫରେଷ୍ଟ ଗାର୍ଡ ଗଣେଶରାମ ସାହୁ, ସମସ୍ତ ପାରା ଷ୍ଟାଫ, କୋଶଳ ସଂଗ୍ରାମୀ ସିପୁନ ଖମାରି ପ୍ରମୁଖ ଉପସ୍ଥିତ ଥିଲେ। ଧନୀରାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# 'ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସଚେତନତା

**ବଲାଙ୍ଗିର/ଦେଓଗାଁ/ମୁରିବାହାଲ, ୩୦।୧(ସମିସ)**

ପୁଇଁତଲା ବ୍ଲକ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଛତାମଖନାରେ ନୂଆ-ଓ ଓଡିଆ ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଅଧ୍ୟକ୍ଷ ସୁଦାମ ଚରଣ ଖମାରୀଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ମାନିତ ଅତିଥି ଡ. ଗୁରୁ ଘାସିରାମ ମିଶ୍ର ଜଗନ୍ନାଥ ସଂସ୍କୃତି ଉପରେ ବିଷଦ ଭାବରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅଧ୍ୟାପକ ଡ. ଦୈତାରି ପୂଜାରୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ପଦ୍ମାଳୟା ତ୍ରିପାଠୀ ମଞ୍ଚାସୀନ ଥିଲେ। କ୍ରୀଡା ଶିକ୍ଷକ ପ୍ରେମାନନ୍ଦ ବିଶି ଅତିଥି ପରିଚୟ ପ୍ରଦାନ କରିଥିବା ସ୍ଥଳେ ଡ. ପବିତ୍ର ଦଣ୍ଡସନା ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପକ ଡ. ଧନଞ୍ଜୟ ସେଠ, ଅଧ୍ୟାପକ ରାଧାକାନ୍ତ ସାହୁ, ଗ୍ରନ୍ଥାଗାରିକ ଦୁର୍ବାଦଳ ମିଶ୍ର, କିରାଣି ଦିଗାମ୍ବର ପାଣ୍ଡେ ଓ ଦୁଃଖିଶ୍ୟାମ ବାଘ ପ୍ରମୁଖ ସହଯୋଗ କରିଥିଲେ।

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତ ଦୁଇ କଲେଜରେ ଚାଲିଥିବା ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ





ହୋଇଯାଇଛି। ଅଧ୍ୟକ୍ଷ ବସନ୍ତ ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ପ୍ରାଧ୍ୟାପକ ରଞ୍ଜନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେଓଗାଁ ଡିଗ୍ରୀ କଲେଜର ଅଧ୍ୟକ୍ଷ ରମେଶଚନ୍ଦ୍ର ପ୍ରଧାନୀ, ମୁଖ୍ୟବକ୍ତା ଭାବେ ସାହାଜବାହାଲ ଜଗନ୍ନାଥ ଡିଗ୍ରୀ କଲେଜର ଅର୍ଥନୀତି ଅଧ୍ୟାପକ କବିରାଜ ଭୋଇ, ସମ୍ମାନିତ ଭାବେ ପ୍ରାଧ୍ୟାପକ ଦୁର୍ବାଦଳ ଘିବେଲା, ଗୋବିନ୍ଦ ମେହେର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ସାହୁ, ଖେଳ ଶିକ୍ଷକ ପ୍ରଶାନ୍ତ ଥନାପତି, ଡିଇଓ ବାଳଶଙ୍କର ମେହେର, ଲାଇବ୍ରେରିଏନ ପ୍ରଦୀପ ମହାନ୍ତି, ଅବନୀ ରଞ୍ଜନ ସିଂ ନିନା, ଜୟହିନ୍ଦ ପ୍ରକାଶ ଛତ୍ରିଆ, ଶୁଭେନ୍ଦୁ ନାଥ ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ମୁରିବାହାଲ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ୪୦ ଜଣ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ସ୍ନେହାମୟୀ ଦାସ ଚାମ୍ପିଅନ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ତରୁଣ ଛୁରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ କଲେଜ ଅଧ୍ୟକ୍ଷ ରମେଶଚନ୍ଦ୍ର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ଡିଏଭି ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଅଳକାନନ୍ଦ ମଲ୍ଲ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ବିକ୍ରମ ତାଣ୍ଡି, ଅଧ୍ୟାପକ ନରେନ୍ଦ୍ର ପାଣିଗ୍ରାହୀ, ରାଧେଶ୍ୟାମ ତ୍ରିପାଠୀ, ହୃଦାନନ୍ଦ ପୁହାଣ, ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ପୂଜାରାଣୀ ରଥ ସଂଯୋଜନା କରିଥିବା ବେଳେ ସ୍ନିଗ୍ଧାରାଣୀ ପ୍ରଧାନି, ବୈକୁଣ୍ଠ ସାହୁ, ସ୍ୱାଗତିକା ସାହୁ, ମମତା ସାହୁ, ଲିଲି ପଧାନ, ନରେଶ ଶତନାମୀ, ସାଗର ଦେହୁରୀ, ଭବାନୀ ପୋଢ଼ ସହଯୋଗ କରିଥିଲେ।






## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# ଲୋକେ ଜାଣିଲେ ସରକାରଙ୍କ ଜନହିତକର ଯୋଜନା

ନର୍ଲା, ୩୦।୧(ସମିସ)

କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ମୁସ୍କୁଟୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଉପରେ ଜନ ସଚେତନତା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ନର୍ଲା ପଞ୍ଚାୟତ ସମିତିର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ସ୍ଥାନୀୟ ସରପଞ୍ଚ ସଞ୍ଜୁ ଲତା ଭୋଇ, ସମିତି ସଭ୍ୟ ବୀର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ସରପଞ୍ଚ ମଧୁ ସାହୁ, ମୁକୁନ୍ଦ ଭୋଇ, ଭଗବାନ ବାଗ, ରୁଦ୍ର ସୁନା, ପୂର୍ବତନ ସମିତି ସଭ୍ୟ ନିତ୍ୟା ପାତ୍ର, ଦୁର୍ଲ୍ଲଭ ବାଗ, ବର୍ଷା ରାଣୀ, ମାନଧାତା ଭୋଇ, ଅରୁଣ ପରିଡ଼ା, ସମୀର ପଟ୍ଟନାୟକଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ଗ୍ରାମ ପଞ୍ଚାୟତର ସମସ୍ତ ସ୍କୁଲ ଛାତ୍ରଛାତ୍ରୀ ଯୁବକ ସଂଘର ସଦସ୍ୟ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଉଦ୍ୟାନ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଏମ ବି କେ ଛବିଳା ସାହୁ, ସମସ୍ତ ଇସି ମେମ୍ବର ଓ ସିଆରପି ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସମୀର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ପିଇଓ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଧର୍ମଗଡ଼: ଧର୍ମଗଡ଼ ବ୍ଲକ ବଡ଼ବସୁଲ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ମୁକୁନ୍ଦ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପାଟଯୋଶୀ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଡ଼ିଓ ଡ ହିମାଞ୍ଚଳ ମାଝୀ, ତହସିଲଦାର ସଞ୍ଜୟ ସାମନ୍ତରାୟ, ଜିଲ୍ଲା ପରିଷଦ ଗୋପୀନାଥ ମହାନନ୍ଦ, ପ୍ରଣବ ଭଇଁସାଲ, ସରପଞ୍ଚ ସଙ୍ଘ ସଭାପତି ହାତିରାମ ଦୁର୍ଗା, ନାଏବ ସରପଞ୍ଚ ମନୋରମା ମେହେର, ଖରପଦର ସରପଞ୍ଚ ବସନ୍ତ ବିହାରୀ, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ବଡ଼ଫୁରଲା ସମିତି ସଭ୍ୟ ସରୋଜ ଶବର ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ କଲେଜ ଅଧ୍ୟାପକ ମାଧବ ଲହଜଳ ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ଦୁରିଆ, ପିଇଓ କ୍ଷୀରୋଦ ନାଗ ପ୍ରମୁଖ ସହଯୋଗ କରିଥିଲେ।



## ଆଜି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

# କଳାହାଣ୍ଡିକୁ ଶ୍ରେଷ୍ଠ ଡିଇଓ, ଶ୍ରେଷ୍ଠ ବିଇଓ ଏବଂ ଶ୍ରେଷ୍ଠ ବ୍ଲକ୍ ପୁରସ୍କାର

ଭବାନୀପାଟଣା, ୩୦।୧(ସମିସ): ବର୍ତ୍ତମାନ ସମୟରେ ବିଶେଷ ଭାବେ ସରକାରୀ କ୍ଷେତ୍ରରେ ଥିବା ବିଦ୍ୟାଳୟଗୁଡିକରେ ଶିକ୍ଷାର ମାନବୃଦ୍ଧି ଓ ସାମାଜିକ ମୂଲ୍ୟବୋଧ ପ୍ରତି ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟ ରୂପାନ୍ତରଣ ପ୍ରକ୍ରିୟା ଦ୍ୱାରା ଛାତ୍ରଛାତ୍ରୀଙ୍କ ସର୍ବନିମ୍ନ ଆବଶ୍ୟକତା ଉପରେ ଧ୍ୟାନ ଦିଆଯାଇଛି। କଳାହାଣ୍ଡି ଜିଲ୍ଲାରେ







ଏଯାବତ୍ ୩୧୭ଟି ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିତ କରାଯାଇଛି। ଶିକ୍ଷା ଆହରଣର ବାଞ୍ଛନିୟତା ଓ ପରୀକ୍ଷା ପଦ୍ଧତିର ବିଶ୍ୱାସନୀୟତା ସୃଷ୍ଟି କରି ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କିତ ସମସ୍ତ ଦିଗରୁ ସମନ୍ୱୟ ଭାବ ସ୍ଥାପିତ ହୋଇପାରିଛି। ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକ, ଶିକ୍ଷା, ଶିକ୍ଷାର୍ଥୀ ଏବଂ ବିଦ୍ୟାଳୟ ପରିବେଶକୁ ରାଜ୍ୟ ସରକାର ଅନୁଶୀଳନ କରିଛନ୍ତି। ଓଡ଼ିଶା ସରକାରଙ୍କ ମୋ ସ୍କୁଲ ପରିଚାଳନା ସଂଗଠନ ପକ୍ଷରୁ କଳାହାଣ୍ଡି ଜିଲ୍ଲା ଶିକ୍ଷାର ମାନଦଣ୍ଡକୁ ବିଚାର କରି ପ୍ରାଥମିକତା ଦେଇଥିବା ଲକ୍ଷ୍ୟ କରାଯାଇଛି। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ଅଧୀନରେ ସମଗ୍ର ଓଡ଼ିଶାର ୨୭୧୧୮ ପ୍ରାଥମିକ ଓ ୪୩୦୪୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୫୦ଟି ବିଦ୍ୟାଳୟ, ୫୦ଜଣ ପ୍ରଧାନ ଶିକ୍ଷକ, ୪ଜଣ ଜିଲ୍ଲା ଶିକ୍ଷା ଅଧିକାରୀ, ୬ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ, ୫୮ଜଣ ସିଆରସିସି ଓ ବିଭିନ୍ନ ବର୍ଗର ପୁରସ୍କାର ପ୍ରଦାନ କରାଯିବ। ଭୁବନେଶ୍ୱରରେ ବୁଧବାର ଏହି କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ୯୯ଟି ପୁରସ୍କାର ହାତେଇଛି। ସର୍ବଶ୍ରେଷ୍ଠ ଜିଲ୍ଲା ଶିକ୍ଷାଧିକାରୀ ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ ତୋପଦାର ମନୋନୀତ ହୋଇଥିବା ବେଳେ ସର୍ବଶ୍ରେଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ୧୦ ଜଣଙ୍କ ମଧ୍ୟରୁ ନର୍ଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ ପୁରସ୍କୃତ ହେବେ। ସେହିପରି ଶ୍ରେଷ୍ଠ ବ୍ଲକ ଭାବେ ୧୦ଟି ବ୍ଲକ ମଧ୍ୟରୁ କେସିଙ୍ଗା ବ୍ଲକ ରାଜ୍ୟସ୍ତରରେ ମନୋନୀତ ହୋଇଛି। ରାଜ୍ୟର ୫୮ଟି ସିଆରସିସି ପୁରସ୍କାର ମଧ୍ୟରୁ କଳାହାଣ୍ଡି ଜିଲ୍ଲାରୁ ୨ ଜଣ ସିଆରସିସି ରାଜ୍ୟ ପୁରସ୍କାର ପାଇଁ ଚୂଡାନ୍ତ ତାଲିକାରେ ଅଛନ୍ତି। ଗୋଲାମୁଣ୍ଡା ବ୍ଲକର ସିଆରସିସି ଅଜିତ ପଧାନ ଓ ଭବାନୀପାଟଣାର ମିନତୀ କୁମାରୀ ପ୍ରଧାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। କଳାହାଣ୍ଡିରୁ ୮ଟି ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗୋଲାମୁଣ୍ଡା ବ୍ଲକ ପୁଟିଆତୁରା ଉ. ପ୍ରା ବିଦ୍ୟାଳୟ, ଧର୍ମଗଡ଼ ବ୍ଲକ ବଗାଡ ଉ. ପ୍ରା ବିଦ୍ୟାଳୟ, ଏମ୍ ରାମପୁର ବ୍ଲକ ଡୁମେରଗୁଡା ଉ. ପ୍ରା ବିଦ୍ୟାଳୟ, କର୍ଲାମୁଣ୍ଡା ବ୍ଲକ ସୁରଜୁଲି ଉ. ପ୍ରା ବିଦ୍ୟାଳୟ, ଜୁନାଗଡ଼ ବ୍ଲକ ହିଞ୍ଜିଲିବାହିଲି ଉ. ପ୍ରା ବିଦ୍ୟାଳୟ, ଭବାନୀପାଟଣା ବ୍ଲକ ଗୁଡ଼ିଆଲିପଦର ଉଚ୍ଚପ୍ରା ବିଦ୍ୟାଳୟ, କଲମପୁର ବ୍ଲକ ବଙ୍କାପଲା ଉ. ପ୍ରା ବିଦ୍ୟାଳୟ ଏବଂ ଲାଞ୍ଜିଗଡ଼ ବ୍ଲକର କନର୍ଲା ପ୍ରାଥମିକ ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ୫୦୦୦୦୦ ଲେଖାଏଁ ପ୍ରଦାନ କରାଯିବ। ସେହିପରି ରାଜ୍ୟ ସ୍ତରରେ କଳାହାଣ୍ଡି ଜିଲ୍ଲାର ଭଟାଙ୍ଗପଦର ପଞ୍ଚାୟତକୁ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ରୂପେ ଘୋଷାଣ କରାଯାଇଛି। ଠିକ ସେହିଭଳି ରାଜ୍ୟସ୍ତରରେ ଉଚ୍ଚ ବିଦ୍ୟାଳୟରୁ ୫ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ। ସେମାନଙ୍କ ମଧ୍ୟରେ ସନ୍ତୋଷ କର (ବିଜ୍ଞାନ), ବିରେନ୍ଦ୍ର ଆଚାର୍ଯ୍ୟ (ଗଣିତ), ରାଜୁ କୁମାର ସାହୁ (ହିନ୍ଦୀ), ବିନୋଦ କୁମାର ଭଦ୍ରା (ସାମାଜିକ ବିଜ୍ଞାନ) ଓ ଯୁଧିଷ୍ଠିର ମୁଦୁଲି (ଇଂରାଜୀ) ଅନ୍ତର୍ଭୁକ୍ତ।

**କଳାହାଣ୍ଡିକୁ ମିଳିବ ୯୯ ପୁରସ୍କାର**

# ଜିଲ୍ଲାପାଳଙ୍କ ନାଁରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ

ନୂଆପଡ଼ା, ୩୦।୧(ସମିସ): ନୂଆପଡ଼ା ଜିଲ୍ଲାପାଳ ହେମକାନ୍ତ ସୟଙ୍କ ନାଁରେ କେହି ଫେସବୁକରେ ଆକାଉଣ୍ଟ ଖୋଲି ଜିଲ୍ଲାର ଜନପ୍ରତିନିଧି, ଅଧିକାରୀଙ୍କଠାରୁ ଅର୍ଥ ସଂଗ୍ରହ କରୁଥିବା ଅଭିଯୋଗ ଆସିଛି। ଏଥିପ୍ରତି ସାବଧାନତା ଅବଲମ୍ବନ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

କେହି ଜଣେ ଜିଲ୍ଲାପାଳଙ୍କ ନାଁରେ ଫେସବୁକରେ ଆକାଉଣ୍ଟ ଖୋଲି ବିଭିନ୍ନ ଲୋକଙ୍କ ସହ ଚାଟିଂ କରୁଛି। ଏଭଳି ଏକ ଅଭିଯୋଗ କୋମନା ବ୍ଲକ ଅଞ୍ଚଳରୁ ହସ୍ତଗତ ହୋଇଛି। ସେ ଜଣେ ଆଗ ଧାଡ଼ିର ସରପଞ୍ଚଙ୍କୁ ମେସେଜ କରିଥିଲେ। ଜଣେ ବନ୍ଧୁ ନିଜର ପୁରୁଣା ଫର୍ନିଚର ବିକ୍ରି କରିବାକୁ ଚାହୁଁଛନ୍ତି କହି ଡିଲ୍ କରିବାକୁ ସରପଞ୍ଚଙ୍କୁ ମେସେଜ କରିଥିଲେ। ସରପଞ୍ଚ ଜଣକ ଟଙ୍କା ପଠେଇ ପରେ ଏହା ମିଥ୍ୟା ବୋଲି ଜାଣିବାକୁ ପାଇଥିଲେ। ତେବେ ଏହାକୁ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହା ଜିଲ୍ଲାପାଳଙ୍କ ମିଛ ଫେସବୁକ୍ ଆକାଉଣ୍ଟ ବୋଲି ଜଣା ପଡ଼ିଛି। ଏଥି ପ୍ରତି ସମସ୍ତେ ସାବଧାନ ରହି କୌଣସି ପ୍ରକାର ଠକେଇର ଶିକାର ନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

# ଆଜି କେସିଙ୍ଗା ବନ୍ଦ

କେସିଙ୍ଗା, ୩୦।୧(ସମିସ): କେସିଙ୍ଗା ଏନ୍ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ଦାବିରେ ଗଣଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନ ସକାଳ ୧୦ରୁ ସନ୍ଧ୍ୟା ଧାରଣା ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲ୍ଲା ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷ ମଧ୍ୟ ଆସି ନ ଥିଲେ। ଏଣୁ ମଙ୍ଗଳବାର ପୁଣିଥରେ ସକାଳ ୧୦ରୁ ଧାରଣା ଆରମ୍ଭ ହୋଇଥିଲା। ବିକାଶ ମଞ୍ଚ ପକ୍ଷରୁ ବୁଧବାର କେସିଙ୍ଗା ସହର ବନ୍ଦ ଡାକରା ଦିଆଯାଇଚି। ୨୬ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଅବରୋଧ କରାଯିବ ବୋଲି ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି। ଏ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ଚିଠି ମାଧ୍ୟମରେ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ କରି ଆନ୍ଦୋଳନରେ ସାମିଲ ହେବା ପାଇଁ ନିବେଦନ କରାଯାଇଛି। ଭବାନୀ ଶଙ୍କର ନିଆଲ୍, ସାମ୍ବାଦିକ ମହାସଂଘର ସଭାପତି ସୁଶାନ୍ତ ମହାପାତ୍ରଙ୍କ ସମେତ ସମସ୍ତ ସାମ୍ବାଦିକ, ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, ଯୁବ ନେତା ସିଲୁ ପରିଡ଼ାଙ୍କ ସମେତ ଅନେକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ମାମଲା

# ବାପା ଓ ଦୁଇପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ

ଭବାନୀପାଟଣା, ୩୦।୧ (ସମିସ): ଅନ୍ଧ କରିଦେଉଛି ଅନ୍ଧ ବିଶ୍ୱାସ। ମଣିଷ ନେଉଛି ମଣିଷର ଜୀବନ। କଳାହାଣ୍ଡି ଜିଲ୍ଲା ସଦର ଥାନା ଟ୍ରିଙ୍କାପରା ଗାଁର ମଦନ ମାଝୀଙ୍କୁ ଗୁଣି ଗାରେଡି ସନ୍ଦେହରେ ୨୦୧୮ ମସିହାରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ଜିଲ୍ଲା କୋର୍ଟ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ମାମଲାର ଶୁଣାଣି କରି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ହତ୍ୟାକାରୀ ବାପା ଓ ଦୁଇ ପୁଅଙ୍କୁ ଜିଲ୍ଲା ଦୌରାଜର୍ଜ ଦିପ୍ତୀ ରଂଜନ କାନୁନଗୋ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ଏହି ତିନି ଜଣ ହତ୍ୟାକାରୀଙ୍କୁ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ୧୭ଜଣ ସାକ୍ଷ୍ୟ ୨୧ପ୍ରମାଣକୁ ଆଧାର କରି ହତ୍ୟାକାରୀ ବୁଟୁ ମାଝୀ (୬୦), ରେବେ ମାଝୀ (୨୬) ଓ ମକର ମାଝୀ (୨୪)ଙ୍କୁ ଧାରା ୩୦୨ରେ ଦୋଶୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଓ ୨୦ହଜାର ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟରେ ୬ମାସ ଅଧିକ କାରାଦଣ୍ଡ ରହିଛି। ସେହିପରି ଧାରା ୨୦୧ରେ ଦୋଷୀ ସାବ୍ୟସ୍ତ କରି ୭ବର୍ଷ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ହେଲେ ୩ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ। ସୂଚନା ଅନୁସାରେ, ୨୦୧୮ ଅଗଷ୍ଟ ୩୦ତାରିଖରେ ଗୁଣି ଗାରେଡି ସନ୍ଦେହରେ ତିନି ଅଭିଯୁକ୍ତ ମଦନଙ୍କୁ ପଥର ଛେଚି ହତ୍ୟା କରି ଗାଁ ଝରଣା ନିକଟରେ ପୋତି ଦେଇଥିଲେ। ମଦନଙ୍କ ସ୍ତ୍ରୀ ସୁଙ୍ଗେ ମାଝୀ ଏ ସଂକ୍ରାନ୍ତରେ ପୁଲିସରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ନିଦର୍ଶନୀ ରଥ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ସଭା

ଭବାନୀପାଟଣା, ୩୦।୧(ସମିସ): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ଡିଭିଜନସ୍ତରୀୟ ନିର୍ବାଚନୀ ସଭା ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘର ଉପସଭାପତି ପରମେଶ୍ୱର ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ସଂଘର ଉପଦେଷ୍ଟା ପଦ୍ମନାଭ ପାଢ଼ୀ, ଚିତ୍ତରଞ୍ଜନ ମୁଣ୍ଡ, ଯୁଗ୍ମ ସଂପାଦକ ଦୁର୍ଗାମାଦବ ପଣ୍ଡା, ସର୍କଲ ସଂପାଦକ ଭବାନୀ ଶଙ୍କର ସାହୁ, କେନ୍ଦ୍ର କାର୍ଯ୍ୟକାରୀ ସଭା ସଦସ୍ୟ ଅଖିଳ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ବରିଷ୍ଠ କର୍ମକର୍ତ୍ତା, ଡାନିଏଲ୍ ବାଗ, ଦିଲ୍ଲୀପ କୁମାର ମୁଣ୍ଡ, ବେଣୁଦର ନାଗ, ଗଙ୍ଗାଧର ବାହିନୀପତି, ଅବିମନ୍ୟୁ ପଟ୍ଟନାୟକ, ଅରୁଣ କୁମାର ଶତ୍‌ପଥୀ ତଥା କଳାହାଣ୍ଡି ପୂର୍ବ ଓ ପଶ୍ଚିମ ଡିଭିଜନର ଡିଭିଜନ ସଂପାଦକ ନିଗମାନନ୍ଦ ଦାସ, ଅଜୟ କୁମାର ସିଂ ମଞ୍ଚାସିନ ଥିଲେ।



ସଭାରେ ଦୁଇଟି ଡିଭିଜନର ଶତାଧିକ ବିଦ୍ୟୁତ ଶ୍ରମିକ କର୍ମଚାରୀ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଡିଭିଜନ ସଂପାଦକ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ବିଦ୍ୟୁତ କ୍ଷେତ୍ରରେ କାର୍ଯ୍ୟ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଶ୍ରମିକଙ୍କ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ କଳାହାଣ୍ଡି ପୂର୍ବ ଡିଭିଜନର ଡିଭିଜନ ସଂପାଦନ ଭାବରେ ସୁବ୍ରତ କୁମାର ସାହୁ ଓ ପଶ୍ଚିମ ଡିଭିଜନ ସଂପାଦକ ଭାବରେ ଅଜୟ କୁମାର ସିଂ ମନୋନୀତ ହୋଇଛନ୍ତି।

# ମାନଝରି ପଞ୍ଚାୟତ ହାଇସ୍କୁଲ ଲୋକାର୍ପିତ



କେଗାଁ, ୩୦।୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାନଝରି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୪ର୍ଥ ପର୍ଯ୍ୟାୟରେ '୫-ଟି' ରୂପାନ୍ତରିକରଣରେ ସାମିଲ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ଏହାର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅନନ୍ଦାନନ୍ଦ ମେହେର, ଶ୍ୱେତପଦ୍ମା ଶେଠ୍, ଜଗୁଜିବନ୍ ଆଗ୍ରିଆ, ଶଶିଧର କାଣ୍ଡ, ବଶିଷ୍ଠ ଶିକ୍ଷକ ସୁରେନ୍ଦ୍ର ମୁଣ୍ଡ, ନବୀନ ଟୁଡୁ, ରଜତ କୁମାର ପ୍ରମୁଖ ଅତିଥବ ଭାବେ ଯୋଗ ଦେଇଥିଲେ ଅଶ୍ୱିନୀ ମଲ୍ଲିକ ଓ ପଙ୍କଜ ସାହୁ। ଉପସ୍ଥିତ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ।

# ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ କଳସ ଯାତ୍ରା

କୋକସରା, ୩୦।୧(ସମିସ) : କୋକସରା ବ୍ଲକ ମୋଟେର ଚମ୍ପେଶ୍ୱରପଡ଼ାଠାରେ ବୁଧବାରଠାରୁ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହେବ। ଏଥିପାଇଁ ମଙ୍ଗଳବାର ଅଧିବାସ ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। କଳସ ଯାତ୍ରାରେ ଶହ ଶହ ମହିଳା ସାମିଲ ହୋଇ ସ୍ଥାନୀୟ ପୋଖରୀରୁ ୧୦୮ କଳସରେ ଜଳ ଉଠାଇଥିଲେ। କଳସ ଯାତ୍ରାରେ ବଜରଙ୍ଗବଳୀ ଘଣ୍ଟଦଳ ଚାରବାହଲ, ମୋଟେର ସଂକୀର୍ତ୍ତନ ଦଳ ସାମିଲ ହୋଇ ଗ୍ରାମ ପରିକ୍ରମା ସହ ମଣ୍ଡପରେ ପହଞ୍ଚିଥିଲେ। ପରେ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ସହ ଅଧିବାସ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ବୁଧବାର ସକାଳୁ ନାମଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ନାମ ସମାପନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯଜ୍ଞକର୍ତ୍ତା ଭାବେ ଦୁଷ୍ମନ୍ତ କୁମାର ପାଟଯୋଷୀ ଓ ଜ୍ୟୋସ୍ନାମଞ୍ଜରୀ ପାଟଯୋଷୀ ସପତ୍ନୀକ ରହିଥିବାବେଳେ ମୁଖ୍ୟ ପୂଜକ ରୂପେ ଆଚାର୍ଯ୍ୟ ଗୋପାଳ କୃଷ୍ଣ ଠାକୁର ପୂଜା କାର୍ଯ୍ୟ ସମ୍ପାଦନ ପାଇଁ ରହିଛନ୍ତି।



# ବ୍ଲକସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ



କୋକସରା, ୩୦।୧(ସମିସ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣିଠାରେ ବୁଢ଼ାରଜା ବେଡ଼ମିଣ୍ଟନ ଆସୋସିଏସନ୍ ପକ୍ଷରୁ ବ୍ଲକସ୍ତରୀୟ ଦୁଇ ଦିନିଆ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡ଼ି ସଭାପତି ମାନସ ବାଗ ଯୋଗଦେଇ ଖେଳର ଉଦଘାଟନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କୋକସରା ବ୍ଲକ ଆଲା ଅଧ୍ୟକ୍ଷ ରୁତୁରାଜ ମାଝି, ମନୋରଞ୍ଜନ ବାଣୁଆ, ଜିତେନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁନିଲ୍ କୁମାର ଯୋଶୀ, ବିନୋଦ କୁମାର ସିଂ, ପ୍ରବଣ କୁମାର ଯୋଶୀ ଓ ତ୍ରିନାଥ ପ୍ରଶନ୍ନ ରାୟ ଖେଳ ପରିଚାଳନା କରିଥିବାବେଳେ ପ୍ରଫୁଲ୍ଲ ଜାନି ସହଯୋଗ କରିଥିଲେ। ପ୍ରିତମ ଅଗ୍ରୱାଲ, ଲଳିତ ପଟେଲ, ଅଂଶୁମାନ ଠାକୁର, ମିଳନ ସାମନ୍ତରାୟ, ସପନ୍ କୁମାର ପଣ୍ଡା, ଧନଞ୍ଜୟ ବାଣୁଆ, ସାନୁ ଧଙ୍ଗଡାମାଝୀ, ରମାକାନ୍ତ କର, ମିନିକେତନ ସୁନା, କେ.ତରୁଣ ମହାପାତ୍ର, ଅତୁ ମହମ୍ମଦ, ବସନ୍ତ ବେଣୁପାଣି ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଖଡ଼ିଆଳ ମହୋତ୍ସବରେ ଦୌଡ଼ ପ୍ରତିଯୋଗିତା



ଖଡ଼ିଆଳ, ୩୦।୧(ସମିସ): ଖଡ଼ିଆଳ ମହୋତ୍ସବ ଅବସରରେ ଏକ ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗରେ ଖଡ଼ିଆଳ ବ୍ଲକ ରିଷିଗାଁଠାରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ଦୀର୍ଘ ୮ କିଲୋମିଟର ଦୂର ମାରାଥନ ଦୌଡ଼ ପ୍ରତିଯୋଗିତା ହୋଇଥିବା ବେଳେ ମହିଳା ବର୍ଗରେ ଲଛିପୁରଠାରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ୫ କିଲୋମିଟର ମିଟର ଦୂର ପର୍ଯ୍ୟନ୍ତ ମାରାଥନ ଆୟୋଜନ ହୋଇଥିଲା। କ୍ରୀଡା ବିଭାଗର ଆବାହକ ରତନ ସିଂ ବାରିକ ଏବଂ ମହେଶ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଖଡ଼ିଆଳ ଥାନାଧିକାରୀ ପ୍ରଦୀପ ଧରୁଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସବୁଜ ପତାକା ଦେଖାଇବା ପରେ ମାରାଥନ ଦୌଡ଼ ଆରମ୍ଭ ହୋଇଥିଲା। ପୁରୁଷ ବର୍ଗରେ ନୂଆପଡ଼ା ଜିଲ୍ଲା ସମେତ ପଡୋଶୀ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲା ୩୬ ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ମହିଳା ବର୍ଗରେ ୧୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରୁଷ ବର୍ଗରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ନୀରିନ୍ଦ୍ର ଗହୀର ପ୍ରଥମ, ନୂଆପଡ଼ାର କେଦିନେଶ ରାଉତ ଦ୍ୱିତୀୟ ଏବଂ କେସିଙ୍ଗାର ନେତ୍ରମଣୀ ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବର୍ଗରେ ନୂଆପଡ଼ା ସଦର ବ୍ଲକ କୋଦୋମେରୀ ଗାଁର ଗୋଲାପ ରାଉତ ପ୍ରଥମ, ଖଡ଼ିଆଳ ବ୍ଲକ ଖୁଦପେଜ ଗାଁର ଧନମତି ମାଝୀ ଦ୍ୱିତୀୟ ଏବଂ ନୂଆପଡ଼ା ସଦର ବ୍ଲକ ହଳଦୀ ଗାଁର କେଶଲତା ପାଣ୍ଡେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମାରାଥନ ଦୌଡ଼ରେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ସୁନୀଲ ସାହୁ, ଉପ ସଭାପତି ସୁଶାନ୍ତ ତାଣ୍ଡି, ପ୍ରଚାର ପ୍ରସାର କମିଟିର ଆବାହକ ବିମଳ ସିଂ ଦଳପତି ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ରୀଡା କମିଟିର ରାଜ କପୁର ବାରିକ, ପ୍ରଶାନ୍ତ ପ୍ରଧାନୀ, ତାପସ ପତି, ସୌରଭ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ତେବେ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲରେ ଚାଲିଥିବା ଖଡ଼ିଆଳ ମହୋତ୍ସବର ଦ୍ୱିତୀୟ ଦିବସରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ବିଶିଷ୍ଟ ସାହିତ୍ୟିକ ଡ ମହେନ୍ଦ୍ର ମିଶ୍ର, ବ୍ଲକ ଅଧକ୍ଷ୍ୟା ସିନାପାଲି ମଧୁରୀ ମାଝୀ, ସିନାପାଲି ବିଡ଼ିଓ ସର୍ବେଶ୍ୱର ଜାଲ, ବୋଡେନ ବିଡ଼ିଓ ପ୍ରିୟରଞ୍ଜନ କୁମ୍ଭାର, ଜିଲ୍ଲାରିଷଦ ସଦସ୍ୟା ତନୟା ଶବର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ଉପ ସଭାପତି ଅମରେଶ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ରୁବିଆ ପ୍ରଧାନ ସ୍ୱାଗତ ସମ୍ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ଶେଷରେ ମହୋତ୍ସବ କମିଟିର ସହ ସମ୍ପାଦକ ଗିରିଧାରୀ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ। ଗଙ୍ଗାଧର ମହାନ୍ତି, ରତନ ସିଂ ବାରିକ, ଗୌରାଙ୍ଗ ସାହୁ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

# 'ଆତ୍ମବିଶ୍ୱାସ ବୃଦ୍ଧି କରିବ ଆତ୍ମସୁରକ୍ଷା ତାଲିମ'

ଗୋଲାମୁଣ୍ଡା, ୩୦।୧(ସମିସ)

ଗୋଲାମୁଣ୍ଡାସ୍ଥିତ ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟନ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଷ୍ଟ ଦିବସୀୟ କାର୍ଯ୍ୟକ୍ରମର ଅନ୍ତିମ ଦିବସ ତଥା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଐଶ୍ୱର୍ଯ୍ୟା ଜେନା ଯୋଗଦେଇ ଏହି ପ୍ରଶିକ୍ଷଣ ଲାଭ କରି ଆସନ୍ନ ବିପଦକୁ ମୁକାବିଲା କରିବାକୁ ପ୍ରଶିକ୍ଷାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି କରିବ ବୋଲି ମତ ଦେଇଥିଲେ। ନୋଡାଲ ଅଧିକାରୀ ପ୍ରାଧ୍ୟାପକ ସରୋଜ କାନ୍ତ ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଜିଲ୍ଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କବି ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଶୋଭାଗିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଷ୍ଟର ପ୍ରଶିକ୍ଷକ ସୋନାଲି ପଣ୍ଡା ଓ ରୋଲିଆନା ସିପକାଙ୍କ ଦ୍ୱାରା ତାଲିମ୍‌ପ୍ରାପ୍ତ ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ।



**କୋକସରା:** କୋକସରା ବ୍ଲକ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଆଧ୍ୟାପିକା କଲ୍ୟାଣୀ ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ପ୍ରିୟଦର୍ଶିନୀ ବେହେରା ପ୍ରଶିକ୍ଷିକା ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ନିହାରକାଣ୍ଡ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଫୁଲ ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ କର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଗୀତାଞ୍ଜଳି ରାଉତ, ସୁଶ୍ରୀ ଅଙ୍କିତା ଖୁରା, ଭାନୁ ମଟି ମାଝୀ, ସ୍ୱପ୍ନା ନାଏକ, ବୀରେନ୍ଦ ନାରାୟଣ ଦାସ, ଭାରତ ଭୂଷଣ ଠାକୁର, ତୁଳସୀ ବାଗ, ପ୍ରଶାନ୍ତ ଯୋଶୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ପ୍ରେମାନନ୍ଦ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

● ଭାଲେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଶିଶୁ ଭିତରେ ଐଶ୍ୱରୀୟ ଶକ୍ତି ଭରି ରହିଛି'

ନୂଆପଡା,୩୦ା୧(ସମିସ)



ସ୍ଥାନୀୟ ଭାଲେଶ୍ୱରସ୍ଥିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିଶୁଙ୍କ ଭିତରେ ଅଦମ୍ୟ ଐଶ୍ୱରୀୟ ଶକ୍ତି ଭରି ରହିଛି ବୋଲି ଏଥିରେ ମତ ପ୍ରକାଶ ପାଇଛି ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୁଷ୍କର ମାଝୀ ସଭାପତିତ୍ୱ କରିଥିବାବେଳେ ନବୀନ ଓଡିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା, ବ୍ଲକ ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ସରକାରୀ ବାଳିକା ହାଇସ୍କୁଲର ନୂଆପଡାର ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ଭୋଇ, ଡ. ଅରବିନ୍ଦ ଭୋଇ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଶିକ୍ଷା ବ୍ୟବସ୍ଥାରେ ଏକ ପରିବର୍ତ୍ତନର ସ୍ୱପ୍ନ ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍କୁଲ ରୂପାନ୍ତରଣ ବ୍ୟବସ୍ଥା ହାତକୁ ନେଇଛନ୍ତି । ଏଥିରେ ବିଦ୍ୟାଳୟଗୁଡିକରେ ଶିକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ, ଶୈକ୍ଷିକ ବାତାବରଣ ନୂତନ ଜ୍ଞାନ କୌଶଳ ଯୋଗାଇଦେବାକୁ ଚିନ୍ତା କରାଯାଇଛି । ନୂଆ।ପଡା ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ୧୪୩ଟି ହାଇସ୍କୁଲକୁ ରୂପାନ୍ତରଣ କରାଯାଇପାରିଛି ବୋଲି ମୁଖ୍ୟ ଅତିଥି କହିଥିଲେ । ଏଥିରେ ବିଦ୍ୟାଳୟ ଗୁଡିକର ଶିକ୍ଷକ, ଗ୍ରାମବାସୀମାନଙ୍କୁ ବିପୁଳ ସମର୍ଥନ ଏବଂ ସହଯୋଗ ମିଳିପାରିଛି ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟ ବକ୍ତା ଡ. ବେହେରା କହିଲେ ଯେ, ଶିକ୍ଷା ବ୍ୟବସ୍ଥାରେ ମୂଳ ହେଉଛି ଛାତ୍ରଛାତ୍ରୀ । ଏମାନଙ୍କ ମଧ୍ୟରେ ଅଦମ୍ୟ ଐଶ୍ୱରୀୟ ଶକ୍ତି ଭରି ରହିଛି । ସେଗୁଡିକୁ ବାହାରକୁ ଆଣିବାର ଆବଶ୍ୟକତା ରହିଛି । ଏହା ହେଲେ କୌଣସି ରାଜ୍ୟ କିମ୍ବା ଦେଶର ପ୍ରଗତି ହେବ ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କୁ ସମାଜ ଶିକ୍ଷା ଏବଂ ସାମାଜିକ ଗଣମାଧ୍ୟମ ଉପରେ ଦୁଇଗୋଟି ଭିନ୍ନ ଭିନ୍ନ କ୍ଷୁଦ୍ର ନାଟିକା ପ୍ରଦର୍ଶିତ ହୋଇଥିଲା । ଏହାକୁ କୈବର୍ତ୍ତ ବିଶ୍ୱାଳ ନିର୍ଦ୍ଦେଶନା ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ର, ଅଭିଭାବକଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ହାଇସ୍କୁଲ ଏବଂ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ଶେଣୀ ପାଇଁ ଶ୍ରେଷ୍ଠ ଛାତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଗଲା । ଉଚ୍ଚମାଧ୍ୟମିକ ସ୍ତରପାଇଁ ଯୁକ୍ତ ଦୁଇ ପ୍ରଥମ ବର୍ଷର ଦିନେଶ ନାଏକ ଏବଂ କୁନ୍ତି ସତନାମୀଙ୍କୁ ଏବର୍ଷର ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ଚୟନ କରି ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଗଜିନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅଶ୍ୱିନୀ କୁମାର ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ୨ରେ '୫-ଟି' ଅଧ୍ୟକ୍ଷଙ୍କ ନୂଆପଡ଼ା ଗସ୍ତ



**ନୂଆପଡ଼ା/ବୋଡ଼େନ,୩୦ ।୧(ସମସ):** '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସନ୍ତା ୨ତାରିଖ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସୁଛନ୍ତି । ଏଥିପାଇଁ ଜିଲ୍ଲାସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ପ୍ରଥମେ ନୂଆପଡ଼ାରେ ନବୀନ ଓଡ଼ିଶା, ଯୁବ ଓଡିଶା କାର୍ଯକ୍ରମରେ ସେ କଲେଜ ଛାତ୍ରଛାତ୍ରୀଙ୍କୁ ଭେଟିବେ ପରେ ବୋଡେନ ବ୍ଲକରେ ଏକ ଜନ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ଅବଗତ କରି ଅଭିଯୋଗ ଶୁଣିବେ । ଏଥିପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି ଚାଲିଛି । ବୋଡେନ ବ୍ଲକର ବିନୋପୁର ଖେଳ ପଡିଆରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି । ଜିଲ୍ଲାପାଳ ଏବଂ ଏସ୍‌ପି ଆସି ସ୍ଥିତି ପରଖିଛନ୍ତି । ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ବିନୋପୁର ଗୋଷ୍ଠୀ ସଭା ଗୃହଠାରେ ଏକ ପ୍ରସ୍ତୁତି ବୈଠକରେ ଅନୁଷ୍ଠିତ ହୋଇଥିଲା । ବିଜେଡି ଜିଲ୍ଲା ସଭାପତି ମନୋଜ ମିଶ୍ର, ଆଇନଜୀବୀ ଯୋଗେନ୍ଦ୍ରନାଥ ମାଝୀ, ଗୌତମ ନିଆଲ, ବୋଡ଼େନ ବ୍ଲକ ବିଜେଡି ସଭାପତି ଲୋକନାଥ ଛତ୍ରିଆ, ମହିଳା ସଭା ନେତ୍ରୀ ମିନତି କାଣ୍ଡ, ସୁନାପୁର୍ ସରପଞ୍ଚ ମୁକ୍ତା ରାଉତ, ଖଇରା ସରପଞ୍ଚ କୈଳାଶ ଦଳ, ଲର୍କା ସରପଞ୍ଚ ପ୍ରତିନିଧି କୃତିବାସ ପଟେଲ, ଜିଲ୍ଲା ଛାତ୍ର ସଭାପତି ଅମିତ୍ ସିଂଦେଓ, ସୁକାନ୍ତି ନାଗ, ଇମ୍ରନ୍ ମହମ୍ମଦ, ପୁସ୍ତମ୍ ନାଗ, ଇନ୍ଦ୍ରମଣି ମାଝୀ, ସୁନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଫେରିଲା ଶବ; ଶୋକାକୁଳ ପରିବେଶରେ ସତ୍କାର

**ବେହେରା,୩୦ ।୧(ସମିସ):** ହାଇଦ୍ରାବାଦରେ ମୃତ୍ୟୁ ଘଟିଥିବା ଧର୍ମଗଡ ବ୍ଲକ ଟେଣ୍ଡାପାଲି ଗ୍ରାମର ଅର୍ଜୁନ ଖମାରି(୪୨)ଙ୍କ ଶବ ଗାଁକୁ ଫେରିଛି । ଶୋକାକୁଳ ପରିବେଶରେ ଗାଁରେ ଅନ୍ତିମ ସତ୍କାର କରାଯାଇଛି କିଛି ମାସ ତଳେ ସେ ହାଇଦ୍ରାବାଦ ଯାଇ ସେଠାର ଏକ ଇଟାଭାଟିରେ କାମ କରୁଥିଲେ । ସୋମବାର ହଠାତ ଅସୁସ୍ଥ ହୋଇ ଆଖି ବୁଜିଥିଲେ ।

## ବାଇକ୍ ଦୁର୍ଘଟଣାରେ ଗ୍ରାମରକ୍ଷୀଙ୍କ ମୃତ୍ୟୁ



**ନୂଆପଡ଼ା/କୋମନା,୩୦ା୧(ସମିସ):** ନୂଆପଡା ଜିଲ୍ଲା କୋମନା ଥାନା ତରବୋଡ ଫାଣ୍ଡିରେ କାର୍ଯ୍ୟରତ ଜଟଗଡ ଗାଁର ଗ୍ରାମରକ୍ଷୀ ଓକିଲ ସୁନାନୀ (୫୪)ଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସେ ଫାଣ୍ଡିରୁ ଘରକୁ ଫେରିବା ବାଟରେ ନିଜ ଗାଁର ଏକ ବିଜୁଳି ଖୁଣ୍ଟରେ ଧକ୍କା ହୋଇଥିଲେ । ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବ୍ଲକ୍ କାର୍ଯ୍ୟାଳୟରେ ପାନୀୟଜଳ ସମସ୍ୟା

**ସିନାପାଲି,୩୦ ।୧(ସମିସ):** ସିନାପାଲି ବ୍ଲକ କାର୍ଯ୍ୟାଳୟରେ ପାନୀୟ ଜଳ ସମସ୍ୟା ସମାଧାନ ହେଉନି । ବ୍ଲକ୍ ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏହି ଅଭିଯୋଗ ହୋଇଛି । ଶିବିରକୁ ଆସିଥିବା ଅଭିଯୋଗକାରୀ ପାଣି ଟୋପେ ପିଇବାକୁ ନ ପାଇ ହଇରାଣ ହୋଇଥିଲେ । ଏଡିଏମ ଭିମସେନ ଶବର, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ବିଡିଓ ସର୍ବେଶ୍ୱର ଜାଲ, ଓଏଲଏମ ବିପିଏମ ଶରତଚନ୍ଦ୍ର ଦିପ, ତହସିଲଦାର ଉପାଞ୍ଜଳି ମାଝି, ସିଡିପିଓ ଝରଣା ଶତପତି, ଆଇଆଇସି ରଶ୍ମିତା ପ୍ରଧାନ, ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଚଳା ପାଢୀ, ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଶ୍ରୀମାନ ସାହୁଙ୍କ ସମେତ ବ୍ଲକ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଏହି ଶିବିର ପ୍ରାୟ ସାଢେ ୧୧ଟାରେ ଆରମ୍ଭ ହୋଇଥିବା ହେତୁ ବିଭିନ୍ନ ସମସ୍ୟା ନେଇ ଦୂରଦୂରାନ୍ତରୁ ଏହି ଶିବିରକୁ ଆସିଥିବା ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ଧର୍ମଗଡ଼ରେ ରକ୍ତଦାନ ଶିବିର




**ବେହେରା/ଧର୍ମଗଡ଼,୩୦ ।୧(ସମିସ):** ସୋସିଆଲ ଆକ୍ଟିଭିଷ୍ଟ ଅଫ କଳାହାଣ୍ଡି ସଂଗଠନ ପକ୍ଷରୁ ଧର୍ମଗଡ ରକ୍ତ ଭଣ୍ଡାରଠାରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଧର୍ମଗଡ ଉପଜିଲ୍ଲାପାଳ ଧୀମାନ ଚୋକମା, ତହସିଲଦାର୍ ସଞ୍ଜୟ ସାମନ୍ତରା ଅତିଥି ଭାବେ ଯୋଗ ଦେଇଥିଲେ । ମହେଶ୍ୱର ସୁନାନୀ ପ୍ରଥମେ ରକ୍ତଦାନ କରିଥିଲେ । ଡଗ ମାଲିଆ ନାଏକ, ଭବାନୀ ସତନାମୀ, ଅଙ୍କିତ ସେଠୀ, ଶକ୍ତି ରଞ୍ଜନ ଭୋଇ, ମୃତ୍ୟୁଞ୍ଜୟ ନାଏକ, ଜ୍ଞାନ ରଞ୍ଜନ ନାଏକ, କୋପନେଶ୍ୱର ବେମାଲ, ତୁଳାରାମ ରଣା ପ୍ରମୁଖ ଉପସ୍ଥିତ ଥିଲେ । ଡାକ୍ତର ଅଭିଳାଷ ନେଗୀ, ରାକେଶ ସିଂ, ନିଗମ ଗୋପାଳ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୋମନା,୩୦ ।୧(ସମିସ)




ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି । ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଲାଲ ଆଶୁତୋଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋମନା ଥାନା ଅଧିକାରୀ ସୁମନ୍ତ କୁମାର ନାଏକ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ବିଷୟରେ ଅଭିଭାଷଣ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ସାମ୍ବାଦିକ ମାୟାଧର ସରାଫ ଓ ନନ୍ଦିଘୋଶ ଖମାରୀ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ଅଧ୍ୟାପକ ବଚନ ଭୋଇ, ଅଶ୍ୱିନୀ କୁମାର ଓତା, ବିନୋଦ ବିହାରୀ ରଥ, ପିଇଟି ଶଙ୍କର ବୈଠାରୁ ପ୍ରମୁଖ ମଂଚାସୀନ ହୋଇଥିଲେ । ଛାତ୍ରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅଶୋଭନୀୟ ଆଚରଣକୁ ଏହି ଆତ୍ମ ସୁରକ୍ଷା ତାଲିମ ବଳରେ ଛାତ୍ରୀମାନେ ସାହସର ସହିତ ଦୃଢ଼ ମୁକାବିଲା କରିବାକୁ ସକ୍ଷମ ହେବେ ବୋଲି ଅତିଥି କହିଥିଲେ । ଏହି ତାଲିମ ଶିବିର ୮ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ବର୍ଷର ୧୬୨ ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ସରସ୍ୱତୀ ଶବର ଓ ଧନେଶ୍ୱରି କେଉଁଟ ତାଲିମ ପ୍ରଦାନ କରିଥିଲେ । ଓଡିଆ ଅଧ୍ୟାପକ ଡ. ଦୀପକ କୁମାର ଦାସ ମଂଚ ପରିଚାଳନା କରିବା ସହ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ପରିସମାପ୍ତି କରିଥିଲେ ।

## ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନୂଆପଡା,୩୦ ।୧(ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟରେ ଜଗନ୍ନାଥ ସଂସ୍କୃତିର ସମନ୍ୱୟ ଭିତ୍ତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଡ. ତରୁଣ ପ୍ରଧାନଙ୍କ ସଭାପତିତ୍ୱରେ ଏହା ସମ୍ପାଦିତ ହୋଇଛି । ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଶ୍ୱଜିତ ପାଢ଼ୀ, ମହାବିଦ୍ୟାଳୟ ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା, କବି ହଳଧର ନାଗ, ପାଲାଗାୟକ ଅର୍ଜୁନ ଛତ୍ରିଆ, ଲୋକ ସାହିତ୍ୟ ସମୀକ୍ଷକ ଡ. ଦୋଳଗୋବିନ୍ଦ ବିଶି, କବି ନୀଳଲୋହିତ ସିଂ ଦେଓ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଡ. ସୁରଞ୍ଜନ ପ୍ରଧାନ ଅତିଥି ସ୍ୱାଗତ କରିଥିବାବେଳେ ଅଧ୍ୟାପିକା ସଙ୍ଗୀତା ନେତମ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ସୁନିଲ ପାଢୀ, ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ଡ. ରଣବୀର ସିଂ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପକ ଡ. ଶୁଭ୍ରାଂଶିଷ ବାରିକ, ଅଧ୍ୟାପକ ବିଷ୍ଣୁଦେବ ସିଂ ମଲ୍ଲିକ, ଧ୍ରୁବ ପାତ୍ର, ପ୍ରେମାନନ୍ଦ ମେହେରଙ୍କ ସମେତ କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।




## ଧ୍ରୁବ ଗୋଣ୍ଡ ସମାଜର ବାର୍ଷିକ ସମ୍ମିଳନୀ

**ସିନାପାଲି,୩୦ ।୧(ସମିସ):** ନୂଆପଡ଼ା ଜିଲ୍ଲା ଧ୍ରୁବ ଗୋଣ୍ଡ ସମାଜର ବାର୍ଷିକ ସମ୍ମିଳନୀ ସିନାପାଲି ବ୍ଲକ ଲିଟିଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀ ରେ ମକରନ ମାଝୀ ସଭାପତିତ୍ୱ କରିଥିବା ବେଳେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରସନ୍ନ ମାଝୀ, ସୁଦର୍ଶନ ମାଝୀ, ଦିନନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ହେମନ୍ତ କୁମାର ମାଝୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଖିଳ ମାଝୀ, ଦେବେନ୍ଦ୍ର ମାଝୀ, ଗୋପବନ୍ଧୁ ମାଝୀ, ଲଳିତ ମାଝୀ, ପୁନି ମାଝୀ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଲିଟିଗୁଡାରେ ବୁଢାଦେଓ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ହୋଇଥିଲା ।

## ୭୩ ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟିତ



**କେସିଙ୍ଗା,୩୦ ।୧(ସମିସ):** କଳାହାଣ୍ଡି ଜିଲ୍ଲାର ୭୩ ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟିତ ହୋଇଛି । କେସିଙ୍ଗା ବ୍ଲକ ଜବାହାର ଉଚ୍ଚ ବିଦ୍ୟାପୀଠ ବାଲସୀ (କ) ଏବଂ ପରଲସିଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲସି ଜବାହାର ଉଚ୍ଚ ବିଦ୍ୟାପୀଠ(କ)ରେ ବିଦ୍ୟାଳୟର ପ୍ରତିଷ୍ଠାତା ଠାକୁର ସାହୁ, ବିଷ୍ଣୁପଦ ଘଡାଇ, ଅନନ୍ତ ମହାଲିକ ଓ ବାଲସି ପଞ୍ଚାୟତ ସରପଞ୍ଚ ଭାରତୀ ସୁନା, ମନୋଜ ପଟ୍ଟନାୟକ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ମହେନ୍ଦ୍ର ନାଏକ, ଦୁର୍ବାଦଳ ସାହୁ, ଫକିର ସାହୁ, ବାଲସି ପଞ୍ଚାୟତ ସମିତି ସଭ୍ୟା ଦୀପ୍ତି କୁମାର, ପୂର୍ବତନ ସମିତି ସଭ୍ୟ ହରିକୁମାର, ବିଦ୍ୟାଳୟ ସହଯୋଗୀ ଶିବରାମ ମାଝୀ, ବିଦ୍ୟାଳୟ ସଭାପତି ଗୋପାଳ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଶିକ୍ଷକ ସୋମନାଥ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନଶିକ୍ଷକ ବୁଦ୍ଧଦେବ ପୋଡ଼ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିପରି ପରଲସିଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପଡ଼ିଆରେ ଏକ ସଭା ଆୟୋଜନ କରାଯାଇଥିଲା । ସ୍କୁଲ୍‌କୁ ନୂଆ ରୂପ ଦେଇଥିବା ବିନ୍ଧାଣିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ପ୍ରଧାନଶିକ୍ଷକ ସମ୍ବର୍ଦ୍ଧିତ ଦେଇଥିଲେ । ପରଲସିଙ୍ଗା ସରପଞ୍ଚ କୁର୍ତ୍ତାଞ୍ଜଳ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ପର୍ଶୁରାମ ଭୋଇ ଧନ୍ୟବାଦ ଦେଇଥିଲେ ।

## ନବ ଦାସଙ୍କ ସ୍ମୃତିରେ ଖାଦ୍ୟ ବର୍ଣ୍ଟନ

**ଭବାନୀପାଟଣା,୩୦ ।୧(ସମିସ):** ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭବାନୀପାଟଣା ସହରର ମାଣିକେଶ୍ୱରୀ ବିହାର, ସିତାବୋର୍ଡି ପଡା, ଶାନ୍ତିନଗର ପଡ଼ାର ମୁଣ୍ଡା ପଡା ଆଦି ବିଭିନ୍ନ ବସ୍ତିରେ ଥିବା ଅସହାୟ ଓ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ବର୍ଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅବିନାଶ ଠାକୁର, ମୁନା ବେହେରା, କାମାକ୍ଷ ସିଂହ ଦେଓ, ରୋମାଞ୍ଚଳ ମେହେର, ରବିଚନ୍ଦ୍ର ନାଏକ, ଭୋଳାନାଥ ନାଗ , ଅନିଲ ନିଆଲ ପ୍ରମୁଖ ଯୋଗ ଦେଇଥିଲେ ।





## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡା,୩୦ା୧(ସମିସ):** ସ୍ଥାନୀୟ ନେଗିପାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷିତିଭୁଷଣ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ସିଡିଓ ତଥା ନୂଆପଡା ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି, ନବୀନ ଓଡିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ ବିଶେଷ ଅତିଥି, ନୂଆପଡା ବ୍ଲକ ଶିକ୍ଷାଧିକାରୀ ହେମାସାଗର ମହାନନ୍ଦ, ବିଡିଓ ବିପିନ ବିହାରୀ ଦୀପ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ମୁକେଶ କୁମାର ଚନ୍ଦ୍ରକାର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ତ୍ରିବିକ୍ରମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହଗାଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସିନାପାଲି,୩୦ ।୧(ସମସ)



ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ମହଗାଁ ଉଚ୍ଚ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବିଇଓ ଯତୀନ୍ଦ୍ର ସେଠ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ, ସିନାପାଲି ବଣିକ ସଂଘ ସଭାପତି ପ୍ରଦୀପ ଜୈନ, ନୂଆପଡ଼ା ଜିଲ୍ଲା ଓଷ୍ଟା ସଭାପତି ବନବିହାରୀ ମେହେର, ସ୍କୁଲ ପ୍ରତିଷ୍ଠାତା ସଂପାଦକ ରାମେଶ୍ୱର ନାଏକ, ପରିଚାଳନା କମିଟି ସଭାପତି ଜଗଦୀଶ ସା, ଶିକ୍ଷାବିତ ରୁଦ୍ରମାଧବ ବୈଠାରୁ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ସୀମାଶ୍ରୀ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ବରିଷ୍ଠ ଶିକ୍ଷକ ବିବେକାନନ୍ଦ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଏହାକୁ ଶିକ୍ଷକ ବାସୁଦେବ ବିଶି ପରିଚାଳନା କରିଥିଲେ । ଶିକ୍ଷକ କାର୍ତ୍ତିକେଶ୍ୱର ବୈଠାରୁ ଧନ୍ୟବାଦ ଦେଇଥିଲେ ।

## ଖଡ଼ିଆଳ ମହୋତ୍ସବ ଉଦ୍‌ଘାଟିତ

ନୂଆପଡା/ଖଡ଼ିଆଳ,୩୦ ।୧(ସମିସ)



ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରସ୍ଥିତ ରାଜାଆର୍ତ୍ତତ୍ରାଣ ହାଇସ୍କୁଲ ଖେଳ ପଡିଆରେ ୧୮ ତମ ଖଡ଼ିଆଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ଯୋଗୀ ମଠରୁ ମଶାଲ ଯାତ୍ରା ବାହାରି ଥିଲା । ଖଡ଼ିଆଳର ବଡ ଦଧିବାମନ ମନ୍ଦିର, ଠାକୁରାଣୀ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିରରେ ମଶାଲ ପୂଜା ପାଇ ବିଶାଳ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା କରିଥିଲା । ମହୋତ୍ସବ ପେଣ୍ଡାଲରେ ପହଞ୍ଚିବା ପରେ ଖଡ଼ିଆଳ ମହୋତ୍ସବ କମିଟିର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ସ୍ୱାଗତ କରି ସ୍ଥାପନ କରିଥିଲେ । ସାଂସଦ ବସନ୍ତ ପଣ୍ଡା, ବାସୁଦେବ ସୁନାନୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟାବନ୍ତ ସୁନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଡ ସୁଶାନ୍ତ ବିଶି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ଖଡ଼ିଆଳ ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ଗାନ କରିଥିଲେ । ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ମାଳମାଳ ‘୪୨୦’ ଗୁରୁ

# ନକଲି ଶିକ୍ଷକଙ୍କ ତାଲିକା ଜାରୀକଲା ଶିକ୍ଷା ବିଭାଗ

**ବଲାଙ୍ଗିର, ୩୦।୧(ସମିସ):** ବଲାଙ୍ଗିର ଜିଲ୍ଲାରେ ଥମୁନି ନକଲିଙ୍କ ତାଲିକା। ବିଶେଷକରି ଶିକ୍ଷାବିଭାଗରେ ନକଲି ଶିକ୍ଷକଙ୍କ ତାଲିକା ବୃଦ୍ଧି ପାଇଛି। ପର୍ଯ୍ୟାୟକ୍ରମେ ନକଲି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାବେଳେ ବର୍ତ୍ତମାନ ୩୬ ଜଣଙ୍କ ତାଲିକା ପ୍ରକାଶ କରିଛି ଜିଲ୍ଲା ଶିକ୍ଷା ବିଭାଗ।
ନିଯୁକ୍ତି ସମୟରେ ନକଲି ପ୍ରମାଣପତ୍ର ଦାଖଲ କରି ଚାକିରି ପାଇଥିବା ବ୍ୟକ୍ତିମାନଙ୍କ ନାଁ ବାହାରିଛି। ସେମାନ ହେଲେ ଲୋଇସିଂହା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ସ୍ୱାଇଁ, ପଙ୍କଜିନୀ ପ୍ରଧାନ, ଦିଲୀପ ସରାଫ, ବନିତା ମିଶ୍ର, ଆଶିଷ ପ୍ରଧାନ, ମୁରିବାହାଲ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ବନ ମହାନନ୍ଦ, ବବଲୁ ସୁନା, ଉତ୍ତମ ବାରିକ, ରଞ୍ଜିତ ପ୍ରଧାନ, ଟିଟିଲାଗଡ଼ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ପ୍ରବୀଣ ସାହୁ, ତୁରେକେଲା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ମନୋଜ ରାଉତ, ଜଗମୋହନ ହଂସ, ବଲାଙ୍ଗିର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସୁବାସଚନ୍ଦ୍ର ବିଶି, ଶ୍ୟାମବନ୍ଧୁ ମେଣ୍ଡିଲୀ, ସଂଘମିତ୍ରା ପରିଡ଼ା, ପାଟଣାଗଡ଼ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ରଶ୍ମିତା ପଣ୍ଡା, ଗୁଡଭେଲା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଶ୍ୟାମସୁନ୍ଦର ପ୍ରଧାନ, ମଧୁସ୍ମିତା ରାଉତ, ପୁଇଁତଲା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଚିନ୍ମୟୀ ପଣ୍ଡା, ସଇଁତଲା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସଞ୍ଜିତପାଣି ମହାନନ୍ଦ, ସ୍ୱାଗତ ନାଏକ, ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଆଲମା ଟପୋ, ସୁକାନ୍ତ ମନ୍ତ୍ରୀ, ପ୍ରିୟଙ୍କା ସିଂ, ରାଜେଶ ପାତ୍ର, ବେଲପଡ଼ା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ବିରଞ୍ଚି ପ୍ରସାଦ ନାଏକ, ଆଗଲପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଭକ୍ତକୁମାର ସେଠ, ଚୁମକୀ ପ୍ରଧାନ, ଦେଓଗାଁ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଦିନେଶ ନାଗ, ପ୍ରଭାସିନୀ ବାରିକ, ମିତାଲି ସିଂ, ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ରିତାଞ୍ଜଳି ମେହେର, ଚନ୍ଦ୍ରଶେଖର ମେହେର, ମୃତ୍ୟୁଞ୍ଜୟ ମହାପାତ୍ର, ହୃଦରଞ୍ଜନ ବଡ଼େଇ ରହିଛନ୍ତି। ନକଲି ପ୍ରମାଣପତ୍ର ଦାଖଲ କରିଥିବା ଯାଞ୍ଚରୁ ଜଣାପଡ଼ିବା ପରେ ସମସ୍ତ ନକଲି ଶିକ୍ଷକଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇଛି। ଏମାନଙ୍କ ମଧ୍ୟରୁ କେତେକ ବେଲ୍‌ରେ ରହିଥିବାବେଳେ ଆଉ କିଛି ଫେରାର ମାରିଥିବା ସୂଚନା ମିଳିଛି। ଏଭଳି ଠକେଇ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି।

## ଦାନା ପାଇଁ ଯାଇଥିଲେ, ଶବ ହୋଇ ଫେରିଲେ

# ମାଁ ଛେଉଣ୍ଡ ହୋଇଗଲେ ୪ ସନ୍ତାନ



**ମୁରିବାହାଲ, ୩୦।୧(ସମିସ):** ମୁରିବାହାଲ ଥାନା ବନ୍ଧୁପଲା ପଞ୍ଚାୟତ କଚେରଭାଡି ଗାଁର ଜଣେ ମହିଳା ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ପରିବାରରେ ସ୍ୱାମୀ ଓ ୪ ସନ୍ତାନ ଅଛନ୍ତି। ମୃତ ମହିଳା ଶ୍ରମିକ ହେଉଛନ୍ତି ବନିତା ମହାନନ୍ଦ। ସପରିବାର ଦାଦନ ଖଟିବାକୁ ଯାଇଥିଲେ। ଦୁଇ ଦିନ ତଳେ ହଠାତ ବନିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିବା ଜଣାପଡ଼ିଛି। ପରେ ମହିଳାଙ୍କ ସ୍ୱାମୀ ସେଠାରୁ ଶବକୁ ଧରି ଗାଁରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପୂର୍ବରୁ ଗାଁ ମଶାଣିରେ ଶବ ସତ୍କାର ହୋଇଥିବାରୁ, ଏହାକୁ ନେଇ ଚର୍ଚ୍ଚା ହେଉଛି। କାରଣ ବଲାଙ୍ଗିର ଜିଲ୍ଲାରେ ପରିବାର ପ୍ରତିପୋଷଣ ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଏଭଳି ଅନେକ ଶ୍ରମିକ କେଉଁଠି ନିର୍ଯାତନାର ଶିକାର ହେଉଛନ୍ତି ତ ଆଉ କେଉଁଠି ଜୀବନ ହରାଉଛନ୍ତି। ଏ କ୍ଷେତ୍ରରେ ମଧ୍ୟ ଆନୁଷଙ୍ଗିକ ପ୍ରକ୍ରିୟା ହୋଇଥିଲା ନା ନାହିଁ ତାହା ତଦନ୍ତ ସାପେକ୍ଷ। ସୂଚନା ଅନୁସାରେ, ବେଲପଡା ଥାନା ବାଗୁଡା ଗାଁର ଦାଦନ ସରଦାର ଜୟଲାଲ ସେମାନଙ୍କୁ ରାଜ୍ୟ ବାହାରକୁ ନେଇଥିଲା। ଜିଲ୍ଲା ଶ୍ରମ ବିଭାଗ ପାଖରେ ଏହାର କୌଣସି ତଥ୍ୟ ନାହିଁ। ମୁରିବାହାଲ ପୁଲିସ ଗାଁରେ ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହେଉଥିଲା ବେଳେ ଅନେକ ସମୟରେ ଦାଦନ ସର୍ଦ୍ଦାରଙ୍କ ସହ ପୁଲିସର ସଲାସୁତୁରା ରହୁଥିବା ଅଭିଯୋଗ ମଧ୍ୟ ହେଉଥିବାରୁ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ରହିଛି। ମୃତ ବନିତାଙ୍କ ୪ଟି ସନ୍ତାନ ଅଛନ୍ତି। ଦୁଇ ଝିଅ କନ୍ୟାଶ୍ରମରେ ରହି ପାଠ ପଢୁଛନ୍ତି। ଆଉ ଗୋଟିଏ ପୁଅ ଓ ଝିଅ ଅଛନ୍ତି।

## ରାଜ୍ୟ ସରକାରଙ୍କ ଯୋଜନାରେ ମିଳିବ ଜମିପଟ୍ଟା

ବଲାଙ୍ଗିର, ୩୦।୧(ସମିସ): ବିଧାନସଭା ପରସର ନଗର ଉନ୍ନୟନ ବିଭାଗ ଗୃହ କମିଟିର ସବ୍ କମିଟି-୨ର ଏକ ବୈଠକ ଏହାର ଅଧ୍ୟକ୍ଷ ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ କିଛି ଲୋକାଭିମୁଖୀ ଆଲୋଚନା ହୋଇଥିଲା। ବଲାଙ୍ଗିର ସହରର ମହାରାଣୀ ସାଗର, ଇନ୍ଦିରାନଗର, ଲକ୍ଷ୍ମୀଯୋର କଡରେ ରହୁଥିବା ଭୂମିହୀନ ଗରିବମାନଙ୍କୁ କିଭଳି ସେହି ଜାଗାରେ ଥଇଥାନ କରାଯିବ ସେ ଉପରେ ଅଧ୍ୟକ୍ଷ ନରସିଂହ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହା ଉପରେ ସହମତି ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ପରାମର୍ଶ ମୁତାବକ, ଇନ୍ଦିରାନଗର ଅଞ୍ଚଳରେ ସରକାରୀ ଜମିକୁ ବନ୍ଦୋବସ୍ତ କରିବାକୁ ସହମତି ପ୍ରକାଶ ପାଇଛି। ଲକ୍ଷ୍ମୀଯୋରର ଉଭୟ କଡରୁ ଲୋକଙ୍କୁ ଆଉ ବିସ୍ଥାପିତ ନ କରି ସେହିଠାରେ ହିଁ ତାଙ୍କୁ ଘର ଓ ଜମିର ପଟ୍ଟା ପ୍ରଦାନ କରାଯିବ। ଜାଗା ମିଶନ ମାଧ୍ୟମରେ ଜାଗା ଓ ଘର ଦିଆଯିବାର ବ୍ୟବସ୍ଥା କରାଯିବା ସହ ଇନ୍ଦିରାନଗର ଓ ଅନ୍ୟାନ୍ୟ ଅଞ୍ଚଳର ଜବରଦଖଲକାରୀଙ୍କୁ ରାଜସ୍ୱ ବିଭାଗ ଜମି ଓ ପଟ୍ଟା ପ୍ରଦାନ କରିବେ ବୋଲି ସହମତି ପ୍ରକାଶ ପାଇଥିଲା।

## ପୁଲିସ ଏଏସ୍‌ଆଇ ଘରକୁ ପଶିଲା ଚୋର

ଦେଓଗାଁ, ୩୦।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ଥାନାର ଜଣେ ଏଏସଆଇ କର୍ମଚାରୀଙ୍କ ଘରେ ସୋମବାର ରାତିରେ ଚୋର ପଶିଥିବା ନେଇ ଚର୍ଚ୍ଚା ଯୋର ଧରିଛି। ଥାନାର କାର୍ଯ୍ୟରତ ଏଏସଆଇ ବ୍ଲକ କଲୋନୀ ଭିତରେ ରହୁଛନ୍ତି। ବ୍ଲକ କଲୋନୀରେ ରହୁଥିବା ଏଏସଆଇ ସଚିତ୍ର ଛତ୍ରିଆ, ବିପିସି ଭକ୍ତିଭୂଷଣ ପଣ୍ଡା ଓ ଭେଟେନେରୀର ଜଣେ କର୍ମଚାରୀଙ୍କ ଘର କଠୋରୀ ତାଲା ଭାଙ୍ଗି ଭିତରକୁ ପଶି କିଛି ସାମଗ୍ରୀ ଓ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି। ସୋମବାର ରାତିରେ ତିନି ଜଣ କର୍ମଚାରୀ ଘରେ ଉପସ୍ଥିତ ନଥିବାରୁ ଏହାର ସୁଯୋଗ ନେଇ ଚୋରି ହୋଇଥିବା ପୁଲିସ ଅନୁମାନ କରୁଛି। ସେଠାରୁ ରହୁଥିବା କର୍ମଚାରୀ ଭବାନୀ ଶଙ୍କର ମହାପାତ୍ରଙ୍କ ଲିଖିତ ଅଭିଯୋଗ ଅନୁସାରେ ଦେଓଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି। ସେହି କଲୋନୀରେ ଦଶରୁ ଅଧିକ ପରିବାର ରହୁଥିବାବେଳେ ଚୋରି ଘଟଣାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ପୁଲିସ ସାଇଣ୍ଟିଫିକ ଟିମ ଆସି ଘଟଣାର ଅଧିକ ତଦନ୍ତ ଚାଲିଥିବା ପୁଲିସ ସୂଚନା ଦେଇଛି।

## ଶଳା ଘରେ ଭିଣୋଇ ମୃତ

**କଣ୍ଟାବାଞ୍ଜି, ୩୦।୧ (ସମିସ):** କଣ୍ଟାବାଞ୍ଜି ଥାନା ପାଖ କୁକୁଡାହାଡ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶଳା ଘରକୁ ବୁଲି ଆସିଥିବା ବେଳେ ଭିଣୋଇଙ୍କ ମୃତ୍ୟୁ ହୋଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି। ମୁରିବାହାଲ ଥାନା ପଙ୍ଗନିଆ ଗାଁରେ ଶ୍ରୀରାମ ବେନିଆ ନିଜ ପରିବାର ସହ ରାୟପୁରରେ ରହୁଥିବା ବେଳେ ନିଜ ଶଳା ଘର କୁକୁଡାହାଡ ଗାଁକୁ ଆସିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନା ଚିକିତ୍ସା ପାଇଁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ମୁରିବାହାଲ ଥାନାକୁ ଖବର ଦେଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଥିବା ଥାନା ଏସଆଇ ପ୍ରମୋଦ ପ୍ରଧାନ ସୂଚନା ଦେଇଛନ୍ତି।

## ବଡ଼ିଗାଁରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ବୌଦ୍ଧ, ୩୦।୧(ସମିସ): ମଙ୍ଗଳବାରଠାରୁ ୪ଦିନ ବ୍ୟାପୀ ବଡ଼ିଗାଁ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ସମୟରେ ମହାନଦୀ ଆଳତୀ ଘାଟରୁ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟକର୍ତ୍ତା ଭାବେ ଗୌନ୍ତିଆ ସତ୍ୟନାରାୟଣ ଭୋଇ ଓ ଧର୍ମପତ୍ନୀ ଆରତୀ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ପୂଜକ ଭାବେ ପଣ୍ଡିତ ରଞ୍ଜିତ ହୋତା, ପଣ୍ଡିତ ଶ୍ରୀଧର ପୂଜାହାରୀ, ପଣ୍ଡିତ ନୃସିଂହ ଚରଣ ହୋତା, ପଣ୍ଡିତ ଶିବ ପାଣିଗ୍ରାହୀ, ପଣ୍ଡିତ ବିଭୁ ପ୍ରସାଦ ପଣ୍ଡା, ପଣ୍ଡିତ ଅଶୋକ ପୂଜାହାରୀ, ପଣ୍ଡିତ ସୁଧାଂଶୁ ପାଢ଼ୀ, ପଣ୍ଡିତ ସୁଦାମ ପାଣିଗ୍ରାହୀ ନୀତିକାନ୍ତି କରିଥିଲେ। ସହଯୋଗୀ କର୍ତ୍ତା ଭାବେ ସୁବ୍ରତ ଭୋଇ, ନଳିନୀ ଭୋଇ ସନ୍ତୋଷ ଭୋଇ, ଶକୁନ୍ତଳା ସୁଜିତ ସ୍ୱାଇଁ, ଜୁଲି ସ୍ୱାଇଁ ଉପସ୍ଥିତ ଥିଲେ। ବଡ଼ିଗାଁ ଗ୍ରାମ ଏବଂ ଆଖପାଖ ଅଞ୍ଚଳର ସାହସ୍ରାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନଗର କୀର୍ତ୍ତନ ମାଧ୍ୟମରେ ବ୍ରିଜ ଛକଦେଇ ଶୋଭାଯାତ୍ରା ଗ୍ରାମରେ ପହଞ୍ଚିଥିଲା।

## ପଞ୍ଚାୟତ କଲେଜରେ ଓଡ଼ିଆ ଭାଷା ସମ୍ମିଳନୀ

କଣ୍ଟାମାଳ, ୩୦।୧(ସମିସ): ସ୍ଥାନୀୟ ପଞ୍ଚାୟତ କଲେଜରେ ଓଡିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ପ୍ରଭାସିନୀ ଖଟୁଆଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଯୋଗିତାରେ ମୁଖ୍ୟ ବିଚାରକ ଭାବରେ ବଂଶୀଧର କର୍ମୀ, (ଅବସରପ୍ରାପ୍ତ ଶିକ୍ଷକ), ଓଡ଼ିଆ ଅଧ୍ୟାପିକା ପଦ୍ମିନୀ ମିଶ୍ର, (ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଲଶା ଗୋରା) ଯୋଗ ଦେଇଥିଲେ। ସେବାଶ୍ରୀ ବେହେରା (ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପିକା), ଦୀପକ ମେହେର (ଇଂରାଜୀ ବିଭଗର ଅଧ୍ୟାପକ), ଶ୍ୱେତ ପଦ୍ମା ମହାକୁଲ (ସଂସ୍କୃତ ବିଭାଗର ଅଧ୍ୟାପିକା) ଓ ଅନନ୍ୟା ମହାପାତ୍ର (ଜୀବ ବିଜ୍ଞାନ ବିଭାଗର ଅଧ୍ୟାପିକା)ଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଶୁଣ୍ଠିପଦ-ପାଇଛାଦାଦର୍ ରାସ୍ତା ଶୋଚନୀୟ

**ଶଗଡ଼ା, ୩୦।୧(ସମିସ):** କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ଠାରୁ ବିନାୟକପୁର ଦେଇ ପାଇଛାଦାଦର୍ ଯାଇଥିବା ଗ୍ରାମ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାର ମରାମତି ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ ଏହାର ସମାଧାନ ହେଁନି। ଏହି ରାସ୍ତା ଦେଇ ଶୁଣ୍ଠିପଦର, ବରଗୋଛା ଓ ଦପଲା ଆଦି ୩ଟି ପଞ୍ଚାୟତର ଲୋକେ ଯାତାୟତ କରିଥାନ୍ତି। ବର୍ଷା ହେଲେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଏ। ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ ସାଇରାମ ମହାକୁଡ, ସନ୍ତୋଷ କ୍ଷେତି, ନରେନ୍ଦ୍ର ମହାକୁଡ, ରାଜାରାମ ମହାକୁଡ, ବେଲାରସେନ୍ କ୍ଷେତି, ଚୈତନ୍ୟ ପାତ୍ର, ସୁକେଶ କ୍ଷେତି, ପିତବାସ ରାଜହଂସ ପ୍ରମୁଖ ଅଞ୍ଚଳବାସୀ ଦାବି କରିଛନ୍ତି।

## ତାମିଲନାଡୁରେ ଓଡ଼ିଆ ଶ୍ରମିକ ମୃତ; ହତ୍ୟା ଅଭିଯୋଗ

**ତୁରେକେଲା, ୩୦।୧(ସମିସ):** କିଛି ଦିନ ତଳେ ତାମିଲନାଡୁରେ ନିଖୋଜ ଥିବା ତୁରେକେଲା ଥାନା ଘୁନେଶ ପଞ୍ଚାୟତ ଗଡ଼ଗାଡ଼ବାହାଲ ଗାଁର ଗୁନ ମାଝିଙ୍କ ସାନ ପୁଅ ଯୁଧିଷ୍ଠିର ମାଝି(୩୨)ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କ ମୃତଶରୀର ବୁଧବାର ଗାଁରେ ପହଞ୍ଚିବ। ପରିବାର ଲୋକଙ୍କଠାରୁ ପ୍ରକାଶ ଯେ ଗାଁରେ କୌଣସି କାମ ନ ପାଇବାରୁ ଦାନା ପାଇଁ ଯୁଧିଷ୍ଠିର ଗତ ୫ ବର୍ଷ ହେବ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କିଛି ଦିନ ତଳେ ତାଙ୍କ ସାଙ୍ଗ ସାଥୀଙ୍କ ସହ ପାଟିତୁଣ୍ଡ ଓ କମ୍ପାନୀ କର୍ମଚାରୀଙ୍କ ସହ ଯୁକ୍ତିଯୁକ୍ତ କଥା କଟାକଟି ହୋଇଥିଲା। ପରେ ସେ ଏକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପରିବାର ଲୋକେ ପାଇଥିଲେ। ଆତ୍ମହତ୍ୟା ରୂପ ଦିଆଯାଇ ଶବ ବ୍ୟବଚ୍ଛେଦ କରି ହସ୍ତାନ୍ତର କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରୁଛନ୍ତି। ମୃତ୍ୟୁ ପୂର୍ବରୁ ତାଙ୍କ ବଡଭାଇଙ୍କ ସାଙ୍ଗେ କଥା ହୋଇ ଥିବା ଏକ ଅଡିଓ କ୍ଲିପ ଭାଇରାଲ ହେଉଛି; ଯେଉଁଥିରେ ଯୁଧିଷ୍ଠିର ‘ଲୋକମାନେ ମୋତେ ମାରିଦେବେ ଭାଇ ଶୀଘ୍ର ଆସ ମୋତେ ନେଇକି ଯିବ’ ବୋଲି କଥା ହେଉଥିବା ଶୁଣିବାକୁ ମିଳୁଛି। କମ୍ପାନୀରେ କାର୍ଯ୍ୟରତ ଏକ ତେଲୁଗୁ ସମ୍ପ୍ରଦାୟର ବ୍ୟକ୍ତି ମାରି ଦେଇଥିବା ଅଭିଯୋଗ ଆଣିଛନ୍ତି। ପରିବାର ଲୋକେ ତାମିଲନାଡୁରୁ ମୃତ ଶରୀରକୁ ଏକ ଘରୋଇ ଆମ୍ବୁଲାନ୍ସରେ ଗାଁକୁ ଆଣୁଛନ୍ତି ବୋଲି ମୃତ ଯୁଧିଷ୍ଠିରଙ୍କ ବଡଭାଇ ସୂଚନା ଦେଇଛନ୍ତି।

# ୧୩ ଦଫା ଦାବି: ବେଲପଡା ବ୍ଲକ୍ ଘେରଉ

**ବେଲପଡା, ୩୦।୧(ସମିସ):** ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଗୁରୁବାର ବେଲପଡା ବ୍ଲକ ଘେରଉ କରାଯାଇଛି। ୧୩ ଦଫା ଦାବିପତ୍ର ନେଇ ଶତାଧିକ ଆଦିବାସୀ ସାମିଲ ହୋଇଥିଲେ।




ଏକ ପାରମ୍ପରିକ ଶୋଭାଯାତ୍ରା ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବେଲପଡା ବିଡିଓ ରାଜେଶ ମେହେରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ଫୋର୍ସ ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ବେଲପଡା ତହସିଲଦାର ଉପସ୍ଥିତ ଥିଲେ। ଜିଲ୍ଲା ସଭାପତି ଶ୍ୟାମସୁନ୍ଦର ଭୋଇ, ବେଲପଡା ବ୍ଲକ ସଭାପତି ରସିକ ଧରୁଆ, ଉପସଭାପତି ଧନିରାମ ମିର୍ଧା, କୁନୁ ମୁଣ୍ଡା, ଗୁଣନିଧି ବର୍ଗେ, ଜଗଜୀବନ ଭୋଇ, ଚନ୍ଦ୍ରଶେଖର ବରିହା, ଭୀଷ୍ମ ବିଶ୍ୱାଳ, କୃଷ୍ଣ ରାଉତ ପ୍ରମୁଖଙ୍କ ସହ ଶତାଧିକ ଆଦିବାସୀ ବିକ୍ଷୋଭରେ ସାମିଲ ଥିଲେ।

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

**ମନମୁଣ୍ଡା, ୩୦।୧(ସମିସ):** ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଟଙ୍କୁ ଅମାତ, ଶିକ୍ଷୟିତ୍ରୀ ଦୀପ୍ତିମୟୀ ବୈଠାରୁ, ବନିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ସିଲନ ବସ୍ତିଆ, ଲିପି ଅମାତ, ରିୟା ଭୋଇ, ଓମ୍ ନାଏକ, ଜିଷ୍ଣୁ ପ୍ରଧାନ ପ୍ରମୁଖ ଗାନ୍ଧୀଙ୍କ ଜୀବନୀ ଉପରେ କହିଥିଲେ। ସିଦ୍ଧାର୍ଥ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶଙ୍କ ଯୋଗଦାନ

**ସୋନପୁର, ୩୦।୧(ସମିସ):** ସୁବର୍ଣ୍ଣପୁରର ନୂତନ ଜିଲ୍ଲାପାଳ ଭାବେ ୨୦୧୯ ବ୍ୟାଚ୍ ଆଇଏଏସ ଅଫିସର ଅନ୍ୟା ଦାସ ମଙ୍ଗଳବାର ପୂର୍ବାହ୍ନରେ ଯୋଗଦାନ ପୂର୍ବକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ପରେ ନୂତନ ଜିଲ୍ଲାପାଳଙ୍କ ସହ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ସୌଜନ୍ୟମୂଳକ ସାକ୍ଷତ କରିଥିଲେ। ତେବେ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ପ୍ରତ୍ୟେକ ବିଭାଗ ନିଜ ବିଭାଗର କାମ ଯେପରି ସମସ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇପାରିବ ସେଥିପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରତ୍ୟକ ଅଧିକାରୀ, କର୍ମଚାରୀ ନିଜ ନିଜ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତୀ ହେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଜିଲ୍ଲାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଜିଲ୍ଲାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା ରିଂରୋଡ, ବ୍ଲକଛକ ସୌନ୍ଦର୍ଯ୍ୟକରଣ, ଅଙ୍ଗ କେନାଲ ସଂପ୍ରସାରଣ ଆଦି ବିଳମ୍ବ ହେଉଥିବା ସାମ୍ବାଦିକମାନେ ଜିଲ୍ଲାପାଳଙ୍କ ନଜରକୁ ଆଣିଥିଲେ। ତେବେ ଏସବୁର ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପର୍ଯ୍ୟଟନ ସହିତ ସହରର ଟ୍ରାଫିକ ବ୍ୟବସ୍ଥାର ସୁଧାର ତଥା ଅପହଞ୍ଚ ଅଞ୍ଚଳର ମୌଳିକ ସମସ୍ୟାର ତ୍ୱରିତ ସମାଧାନ ସହ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାର ବିକାଶ ପାଇଁ ସମସ୍ତ ଜନ ସାଧାରଣ ଆଗେଇ ଆସିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ସେ ବାରିପଦା ଉପଜିଲ୍ଲାପାଳ, ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି।

## ‘ଭାଇରାଲ ଡ୍ୟାନ୍ସ ଭିଡିଓ ମୋର ନୁହେଁ’

**ସୋନପୁର, ୩୦।୧(ସମିସ):** ମଙ୍ଗଳବାର ସୁବର୍ଣ୍ଣପୁରର ନୂତନ ଜିଲ୍ଲାପାଳ ଭାବେ ଅନ୍ୟା ଦାସ ଯୋଗ ଦେିଛନ୍ତି। କିଛି ଦିନ ପୂର୍ବରୁ ଏକ ଡ୍ୟାନ୍ସ ଭିଡିଓ



କରି ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ଏହା ଜିଲ୍ଲାପାଳଙ୍କ ନୃତ୍ୟ ଭିଡିଓ ବୋଲି ଚର୍ଚ୍ଚା ଜୋର୍ ଧରିଛି। ନୃତ୍ୟରତା ଯୁବତୀଙ୍କ ଚେହେରା ଜିଲ୍ଲାପାଳଙ୍କ ସହ କିଛି ମାତ୍ରାରେ ସାମଞ୍ଜସ୍ୟ ଥିବାରୁ ଲୋକେ ବି ଏହି କଥାକୁ ଅତି ସହଜରେ ଗ୍ରହଣ କରି ନେଇଥିଲେ। ତେବେ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ବେଳେ ଏହି ଭିଡିଓଟି ତାଙ୍କର ନୁହେଁ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି।

# ବ୍ରଜରାଜନଗର ‘ଚାର୍ଲ୍ସ ଶୋଭରାଜ’ଙ୍କ ଅପେକ୍ଷାରେ ମହାରାଷ୍ଟ୍ର ପୁଲିସ

ସମ୍ବଲପୁର/ବ୍ରଜରାଜନଗର, ୩୦।୧(ସମିସ): ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂହଙ୍କ ନାଁରେ ସାଂଘାତିକ ଅଭିଯୋଗ। ମହାରାଷ୍ଟ୍ରର ଏକ ବ୍ୟବସାୟୀଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ସେନୋସ୍ପିୟର ବିକ୍ରି କରିବା ନାଁରେ ଲକ୍ଷାଧିକ ଟଙ୍କା ଆଣି ସୁଜିତ ଧରାଛୁଆଁ ଦେଉନଥିବା ବେଳେ ଏନେଇ ମହାରାଷ୍ଟ୍ରର ଗୋନ୍ଦିଆ ଅଞ୍ଚଳର ରାଓନୱାଡି ଥାନାରେ ଅଭିଯୋଗ ପରେ ସ୍ଥାନୀୟ ପୁଲିସ ବ୍ରଜରାଜନଗର ପହଞ୍ଚି ସୁଜିତଙ୍କ ଘର ସମେତ ଏକାଧିକ ସ୍ଥାନରେ ଛାନଭିନ୍ ଆରମ୍ଭ କରିଥିବା ସୂଚନା ମିଳିଛି। ଅନ୍ୟପଟେ ପୂର୍ବରୁ ମଧ୍ୟ ସୁଜିତଙ୍କ ନାଁରେ ନିଜକୁ ନିଜେ ଅପହରଣ ନାଟକ ରଚିଥିବାର ଅଭିଯୋଗ ରହିଥିବାବେଳେ ଗିରଫ ହୋଇ ଜେଲ୍ ଯାଇଥିଲେ। ଏହା ସହ କେବଳ ଝାରସୁଗୁଡା ଜିଲ୍ଲାରେ ଲୁଟ୍, ରାହାଜାନୀ, ମାଡପିଟ ପରି ଅଭିଯୋଗରେ ବିଭିନ୍ନ ଥାନାରେ ୧୧ଟି ମାମଲା ରହିଛି। ସେହିପରି ଜିଲ୍ଲା ବାହାରେ ମଧ୍ୟ ସୁଜିତଙ୍କ ନାଁରେ ଡଜନେରୁ ଅଧିକ ମାମଲା ରହିଥିବା ସୂଚନା ମିଳିଛି। ସୂଚନା ଅନୁସାରେ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂ ମହାରାଷ୍ଟ୍ର ଗୋନ୍ଦିଆ ରାଓନୱାଡି ଥାନା ରାମଦେବ କଲୋନୀରେ ରହୁଥିବା ଆଶିଷ ବିଜୟ କୁମାର ଅଗ୍ରୱାଲ ନାମକ ଏକ ବ୍ୟବସାୟୀ ସେନୋସ୍ପିୟର ପାଉଡର ବିକ୍ରି କରିବା ପାଇଁ ଡିଲ୍ କରିଥିଲେ। ସମ୍ପୃକ୍ତ ବ୍ୟବସାୟୀ ଜଣକ ବେଲପାହାଡର କେଶବ ନାୟକଙ୍କଠାରୁ ଏହି ପାଉଡର କିଣୁଥିବା ଏତଲାରେ ଦର୍ଶାଇଥିବାବେଳେ ସୁଜିତ ଉପରେ ପଡ଼ି କମ୍ ଦାମରେ ସେନୋସ୍ପିୟର ପାଉଡର ଯୋଗାଇ ଦେବା ନେଇ ବ୍ୟବସାୟୀଙ୍କୁ ଲୋଭ ଦେଖାଇଥିଲେ। ଏହା ସହ ଶ୍ରୀକୃଷ୍ଣ ଏଣ୍ଟରପ୍ରାଇଜେସ ନାମକ ଏକ ଫାର୍ମର ମାଲିକ ବୋଲି କହିବା ସହ ପର୍ଯ୍ୟାୟ କ୍ରମରେ ଆଶିଷଙ୍କ ଠାରୁ ୬ଲକ୍ଷ ୯୦ ହଜାର ଟଙ୍କା ଅଗ୍ରୀମ ନେଇଛନ୍ତି। ପଇସା ପଠାଇବା ପରେ ସେନୋସ୍ପିୟର ପାଉଡ଼ର ଡେଲିଭରି ମାଗିବାରୁ ସୁଜିତ ମିଛି ଓଜନ ମେସିନର ସ୍ଲିପ୍ (ରସିଦ) ପଠାଇ ଗାଡି ବାହାରିଥିବା ନେଇ ଭୂଆଁ ବୁଲାଇଥିଲେ। ହେଲେ ମାଲ୍ ନ ପହଞ୍ଚିବାରୁ ବ୍ୟବସାୟୀ ଜଣକ ସୁଜିତଙ୍କୁ ଫୋନ କରିବା ସହ ମାଲ୍ ନହେଲେ ପଇସା ଫେରସ୍ତ ପାଇଁ କହିବାରୁ ସୁଜିତ ଆଉ ଫୋନ ଉଠାଉନଥିଲେ କି ପଇସା ଫେରସ୍ତ କରିନଥିଲେ। ଫଳରେ ବ୍ୟବସାୟୀ ଆଶିଷ ଅଗ୍ରୱାଲ ରାଓନୱାଡି ଥାନାରେ ୫ ମେ ୨୦୨୩ରେ ସୁଜିତଙ୍କ ନାଁରେ ଏକ ଏତଲା ଦେବା ପରେ ଥାନାରେ ୧୧୨/୨୦୨୩ କେସ ନମ୍ବରରେ ମାମଲା ରୁଜୁ ହୋଇଛି। ଏନେଇ ଆଜି ରାଓନୱାଡି ଥାନା ପୋଲିସ ସକାଳେ ବ୍ରଜରାଜନଗର ଆସି ସୁଜିତଙ୍କ ଘର ସମେତ ଏକାଧିକ ସ୍ଥାନରେ ଚଢଉ କରିବା ସହ କାଗଜପତ୍ର ଜବତ କରିଛି। ସୁଜିତଙ୍କ ନାଁରେ ପୂର୍ବରୁ ମଧ୍ୟ ଏକାଧିକ ଅପରାଧିକ ମାମଲା ରହିଥିବାବେଳେ ସେ ଜେଲ୍ ଯାଇ ସାରିଛନ୍ତି। ରାଜନୈତିକ ଫାଇଦା ନେବା ଓ ପବ୍ଲିସିଟି ଷ୍ଟଣ୍ଟ ପାଇଁ ନିଜ ଉପରକୁ ଗୁଳି ଚଳାଇ ସୁଜିତ ୨୦୧୬ ମସିହାରେ ଅପହରଣର ନାଟକ ରଚିଥିଲେ। ପରେ ପର୍ଦ୍ଦାଫାଶ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସୁଜିତଙ୍କ ନାଁରେ ବ୍ରଜରାଜନଗର ଥାନରେ ୭ଟି ମାମଲା ରହିଥିବାବେଳେ ବଡମାଲ, ଲଖନପୁର, ବେଲପାହାଡ ଓ ଓରିଏଣ୍ଟ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି। ଏହା ସହ ଭୁବନେଶ୍ୱରଠାରୁ ଆରମ୍ଭ କରି ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକରେ ଡଜନେରୁ ଅଧିକ ମାମଲା ରହିଛି। କିଛି ଦିନ ପୂର୍ବରୁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖେ ପାଖେ ରହୁଥିବାବେଳେ ପରେ ସାଂସଦ ଅପରାଜିତା ଷଡଙ୍ଗୀ ପାଖେ ପାଖେ ରହୁଥିଲେ। ସୁଜିତ ବିହାର ରାଜ୍ୟର ମୂଳନିବାସୀ ହୋଇଥିବାବେଳେ ଅପରାଜିତା ତାଙ୍କୁ ସହଜରେ ଭରସା କରିଥିଲେ। ସୁଜିତଙ୍କ ଅସଲ କାରନାମା ଜାଣିବା ପରେ ଅପରାଜିତା ମଧ୍ୟ ସୁଜିତଙ୍କୁ ତାଙ୍କ ପାଖ ମାଡିବାକୁ ଦେଲେ ନାହିଁ। ବର୍ତ୍ତମାନ ସେ ଅନ୍ୟ ଜଣେ ସାଂସଦଙ୍କ ନିକଟତର ହୋଇଛନ୍ତି। ଠକେଇ, ରାହାଜାନୀ, ଲୁଟ ଘଟଣାରେ ତାଙ୍କ ନାଁ ସାମ୍ନାକୁ ଆସୁଥିବାବେଳେ ବ୍ରଜରାଜନଗରବାସୀ ତାଙ୍କୁ ଚାର୍ଲ୍ସ ଶୋଭରାଜର ନାଁ ଦେଲେଣି। ଫଳରେ ବ୍ରଜରାଜନଗର ଚାର୍ଲ୍ସ ଶୋଭରାଜଙ୍କ ଅପେକ୍ଷାରେ ମହାରାଷ୍ଟ୍ର ପୁଲିସ ବୋଲି ଲୋକେ କୁହାକୁହି ହେଲେଣି।

- ସୁଜିତଙ୍କ ନାଁରେ ଟଙ୍କା ଠକେଇ ଅଭିଯୋଗ ଆଣିଲେ ବ୍ୟବସାୟୀ
- ଠକେଇ ପଇସାରେ ରାଜନୈତିକ ସଂଗଠନ
- ସୁଜିତଙ୍କ ନାଁରେ ଜିଲ୍ଲାର ବିଭିନ୍ନ ଥାନାରେ ରହିଛି ୧୧ଟି ମାମଲା

## ନୂତନ ଏସ୍‌ପିଙ୍କ ଯୋଗଦାନ

**ସୋନପୁର, ୩୦।୧(ସମିସ):** ସୁବର୍ଣ୍ଣପୁରର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ଯଶପ୍ରତାପ ଶ୍ରୀମାଲ୍ ଯୋଗ ଦେଇଛନ୍ତି। ସେ ୨୦୨୦ ବ୍ୟାଚର



ଆଇପିଏସ୍ ଅଧିକାରୀ। ବହୁ ବର୍ଷ ପରେ ଜିଲ୍ଲାକୁ ଜଣେ ଆଇପିଏସ୍ ଅଧିକାରୀ ମିଳିଥିବାରୁ ଜିଲ୍ଲାରେ ବିଗିଡି ଯାଇଥିବା ଆଇନ ଶୃଙ୍ଖଳା ସ୍ଥିତି ନିଶ୍ଚୟ ସୁଧୁରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜୁଆ କାରବାର ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଏହାକୁ ଦୃଢ ହସ୍ତରେ ଦମନ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୋନପୁରର ବିଭିନ୍ନ ରାସ୍ତା ଦେଇ ଗଞ୍ଜେଇ ଚଲାଣକୁ ରୋକିବା ପାଇଁ ପୁଲିସ୍ ପ୍ରାଥମିକତା ଦେବ। ସହରରେ କିଛି ମାସ ହେବ ଚୋରି କାରବାର ବୃଦ୍ଧି ପାଇଥିବା ନେଇ ଗଣମାଧ୍ୟମ ପ୍ରତିନିଧି ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଚୋରି ରୋକିବାକୁ ପାଟ୍ରୋଲିଂ କଡାକଡି କରାଯିବ। ରାହାଜାନି, ଛିନତାଇ ଆଦି ରୋକିବାକୁ ପୁଲିସ୍ ଅଧିକ ଯତ୍ନବାନ ହେବ ବୋଲି ନୂତନ ଏସ୍‌ପି ପ୍ରକାଶ କରିଛନ୍ତି।

## ପ୍ରେରଣାଦାୟୀ କାହାଣୀ

# ଅତୀତର ଅନ୍ଧାରକୁ ଛାଡ଼ି ଆଲୋକିତ ପଥରେ ‘ଆଲୋକ’

ବଲାଙ୍ଗିର, ୩୦।୧(ସମିସ)




ଇଚ୍ଛାଥିଲେ ଉପାୟ ଆପେଆପେ ଆସେ, ଏକଥା ଆପଣ ଶୁଣିଥିବେ ନିଶ୍ଚିତ। ଦୃଢ ମନୋବଳ ମଣିଷର ରାସ୍ତା ବଦଳାଇ ସଫଳତା ପଥରେ ପହଞ୍ଚାଇ ଦିଏ। ତା'ର ଅନ୍ଧାର ଅତୀତ ବନିଯାଏ ସଫଳତାର କାହାଣୀ। ଠିକ୍ ଏମିତି କାହାଣୀ ରହିଛି ବଲାଙ୍ଗିର ସହର ଗେଟସରୋବର ପଡ଼ାରେ ରହୁଥିବା ୨୫ ବର୍ଷୀୟ ଯୁବକ ଆଲେକଙ୍କର। ଦିନେ ନିଶାଖୋର ଭାବରେ ପରିଚିତ ଥିବା ଆଲୋକ ଆଜି ଯୁବକଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଅତୀତର କଳା କାହାଣୀକୁ ଛାଡି ଆଲୋକିତ ପଥରେ ନିଜର ଭବିଷ୍ୟତ ଗଢୁଛନ୍ତି।
ଗେଟସରୋବର ପଡ଼ାର କୁନୁ ସାଗର ଓ ଟୁନି ସାଗରଙ୍କ ସାନପୁଅ ଆଲୋକ ସାଗର। ପାଠପଢ଼ା ସମୟରୁ ସାଙ୍ଗସାଥୀଙ୍କ ମେଳରେ ରହି ନିଶା ଖାଇବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ନିଶା ତାଙ୍କର ଏମିତି ବଦଭ୍ୟାସ ହେଲାଯେ ସେ ନିଶା ନହେଲେ ରହିପାରୁ ନଥିଲେ। ଏଭଳି ଅବସ୍ଥା ଦେଖି ବାହାର ଲୋକେ ତାଙ୍କର ପରିବାର ଲୋକଙ୍କୁ ଅନେକ କଥା କହୁଥିଲେ। କାଳେ ପୁଅ କିଛି ଭୁଲ ନିଷ୍ପତ୍ତି ନେଇଯିବ ବୋଲି ଭୟରେ ପରିବାର ଲୋକେ ତାଙ୍କୁ କିଛି କହୁ ନଥିଲେ। ପରେ କିନ୍ତୁ ଆଲୋକଙ୍କୁ ପଶ୍ଚାତାପ ହୋଇଥିଲା। ସେ ଜୀବନରେ ଆଉ କେବେ ନିଶାଦ୍ରବ୍ୟ ସେବନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଏହି ଅଭ୍ୟାସ ଛାଡିବା ତାଙ୍କ ପାଇଁ ସହଜ ନଥିଲା। ଧିରେଧିରେ ସେ ନିଶା ସେବନ ବନ୍ଦ କରିବା ସହ ଜିମ ଯିବା ଆରମ୍ଭ କରିଥିଲେ। ଗତ ୫ ବର୍ଷ ହେବ ସେ ଜିମ ଯାଉଛନ୍ତି। ଏହାସହିତ ବଡିବିଲ୍ଡିଂ କରୁଛନ୍ତି। ବିଭିନ୍ନ ସ୍ଥାନକୁ ଯାଇ ସେ ବଡିବିଲ୍ଡିଂ




ପ୍ରତିଯୋଗିତାରେ ଭାଗ ନେଉଥିବାବେଳେ ଚଳିତଥର ଭୁବନେଶ୍ୱରରେ ଜାତୀୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପରିବାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ବର୍ତ୍ତମାନ ଆଲେକ ସମ୍ପୂର୍ଣ୍ଣ ଭାବରେ ନିଶାମୁକ୍ତ। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ କାମ କରି ରୋଜଗାର କରୁଛନ୍ତି। ବଡିବିଲ୍ଡିଂକୁ ତାଙ୍କର କ୍ୟାରିଅର ଭାବରେ ଗ୍ରହଣ କରି ନିଜକୁ ପ୍ରସ୍ତୁତ କରୁଛନ୍ତି। ଆଗାମୀ ଦିନରେ ସେ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ରଖିଛନ୍ତି। ତାଙ୍କର ଏହି ସଫଳତାର କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ଥିବା ବେଳେ ବରିଷ୍ଠମାନେ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ‘ହରଭଙ୍ଗା ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ନିଆରା’



**ଚାରିଛକ,୩୦ ।୧(ସମିସ):** ହରଭଙ୍ଗା ଅଞ୍ଚଳର ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ନିଆରା’ । ଏ ଅଞ୍ଚଳର ଦଣ୍ଡନୃତ୍ୟ, ପତରସଉରା, ଦାଣ୍ଡାଲି ଆଦି ଲୋକକଳା ପ୍ରସିଦ୍ଧ ଲାଭ କରିପାରିଛି । ମହୋତ୍ସବ ଦ୍ୱାରା ହଜିଯାଉଥିବା କଳାକୁ ଉଜ୍ଜୀବିତ କରାଯାଇପରିବ । ମହୋତ୍ସବକୁ ବଞ୍ଚାଇ ରଖିବାକୁ ହେଲେ ସମସ୍ତଙ୍କ ସହଯୋଗ ଦରକାର। ବୌଦ୍ଧ ଗଡଜାତର ମାଟିର ପ୍ରାଣକେନ୍ଦ୍ର ହେଉଛି ହରଭଙ୍ଗା। ହରଭଙ୍ଗା ଲୋକ ମହୋତ୍ସବରେ ୩ୟ ସନ୍ଧ୍ୟାରେ ଏହି ମତ ପ୍ରକାଶ ପାଇଛି ।

ସୁବୋଧ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜଳନ୍ଧର ବେହେରା, ହରଭଙ୍ଗା ବିଡିଓ ଅଜୟ ଲୁହା, ସରୋଜ ଭୋକ୍ତା ଓ ପ୍ରଦୀପ୍ତ ସାହୁ ମଞ୍ଚାସୀନ ଥିଲେ। କୁଇ ସଙ୍ଗୀତ ଗାୟକ ଜଳନ୍ଧର ବେହେରା, ସମ୍ବଲପୁରୀ ଗୀତିକାର ପ୍ରକାଶ କୁମ୍ଭାର, ଶାନ୍ତାନୁ ସାହୁ ଓ ଶୀତଲ ସାହୁଙ୍କ ସମ୍ବଲପୁରୀ ଗୀତରେ ଶୀତୁଆ ରାତିରେ ଦର୍ଶକ ମନଭରି ଉପଭୋଗ କରିଥିଲେ। ସଂଜୀବ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

ପ୍ରକାଶ ବେହେରା, ପ୍ରଦୀପ ନାଏକ, ମାନଭଞ୍ଜନ ନାଏକ, ଶ୍ରୀକାନ୍ତ ସେଠି, ନଟବର ପ୍ରଧାନ, ନରୋତ୍ତମ ପ୍ରଧାନ, ବବଲୁ ଖଡ଼ିରତନ୍ନ, ବିକାଶ ବେହେରା, ଶୁଭଙ୍କର ପ୍ରଧାନ, ଲିଙ୍କନ ପଲିଆ, ପ୍ରଫୁଲ ସାହୁ, ଶ୍ରୀକାନ୍ତ ଦେହୁରୀ, ସୁରେଶ ନାଏକ, ପ୍ରମୋଦ ଖମାରି, ରବୀନ୍ଦ୍ର ଭୋକ୍ତା, ସଂଗ୍ରାମ ବେହେରା, ସୌମ୍ୟ ରଞ୍ଜନ ନାଏକ, ସମ୍ବାରୁ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

ଦ୍ୱିତୀୟ ସନ୍ଧ୍ୟାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, କନ୍ଧମାଳର ପୂର୍ବତନ ବିଧାୟକ ଭଗବାନ କହଁର, ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା, ହରଭଙ୍ଗା କଲେଜ ଅଧକ୍ଷ ହିମାଂଶୁ ଶେଖର ରାଉତ, ଛତ୍ରଙ୍ଗ ସରପଞ୍ଚ ବିନୋଦିନୀ ପ୍ରଧାନ ଅତିଥି ଥିଲେ। ପ୍ରଦୀପ ସାହୁ, ସୁବୋଧ ପ୍ରଧାନ, ସରୋଜ କୁମାର ଭୋକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଫୁଲବାଣୀ ନଟରାଜ କଳାମନ୍ଦିର ପକ୍ଷରୁ ଓଡିଶୀ ନୃତ୍ୟ ପରିବେଶଣ ହୋଇଥିଲା। ବ୍ୟଙ୍ଗ କବି ଜ୍ଞାନ ହୋତାଙ୍କ ହାସ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଶରଣାବିନ୍ଦ ଏବଂ ସିନେ ଅଭିନେତ୍ରୀ ଶୋଭା ରାଉତଙ୍କ ନାଚ ଗୀତରେ ଶୀତୁଆ ରାତିରେ ଦର୍ଶକ ଭରପୁର ମଜା ଉଠେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ।ସଂଜୀବ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ପ୍ରଥମ ସେବା ମହୋତ୍ସବ ପାଇଁ ଶୁଭଖୁଣ୍ଟି ଓ ଲୋଗୋ ଉନ୍ମୋଚନ

## ଫେବୃଆରୀ ୬ରୁ ସେବା ମହୋତ୍ସବ



**ହରଭଙ୍ଗା,୩୦ ।୧ (ସମିସ):** ବୌଦ୍ଧ ଜିଲ୍ଲାରେ ଏକ ନିଆରା ମହୋତ୍ସବ । ଅନୁଷ୍ଠିତ ହେବାକୁ ଯାଉଛି । ନାଚ ଗୀତ ପଦର୍ଶନୀ ନୁହେଁ; ବରଂ ଅସହାୟ ଲୋକଙ୍କୁ ସହାୟତା ଓ ଚିକିତ୍ସା ସେବା ଯୋଗାଇ ଦେବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ। ବୌଦ୍ଧ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକ ପକ୍ଷରୁ ବୌଦ୍ଧ ଜିଲ୍ଲା ଚାରିଛକଠାରେ ଫେବୃଆରୀ ୬ ଓ ୭ରେ ଏହା ଅନୁଷ୍ଠିତ ହେବ । ଏଥିପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ଦ୍ୱାରା ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ଜିଲ୍ଲା ପଶ୍ଚିମ ଓଡିଶା ବିକାଶ ପରିଷଦ ସଭାପତି ସୁବୋଧ ପ୍ରଧାନ, ବାଣୀଭୂଷଣପୁର ସରପଞ୍ଚ, ଚାରିଛକ ବଜାର କମିଟି, ଗଣେଶ ପୂଜା କମିଟି, ଜଗନ୍ନାଥ ମନ୍ଦିର କମିଟି, ଠିଡିକାଜୋର ଗ୍ରାମବାସୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଂଘର ସଭାପତି ବନମାଳୀ ପ୍ରଧାନ, ସମ୍ପାଦକ ଭାଗବତ ମେହେର, ଉପ ସଭାପତି ଶାଶ୍ୱତ ଦାସ, ସହ ସମ୍ପାଦକ ସିମୁନ ନାଏକ, ଉପଦେଷ୍ଟା ଚିତ୍ତ ରଞ୍ଜନ ସିଂ, ସୁକାନ୍ତ ପଟ୍ଟନାୟକ, ନାରାୟଣ ଭୋକ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ପଲସାଗୋରା କଲେଜରେ ବିଶ୍ୱ ଭାଷା ସମ୍ମିଳନୀ



**ଶଗଡା,୩୦ ।୧(ସମିସ):** ପଲସକ୍ଷଗୋରା କଲେଜରେ ଓଡିଶା ସରକାରଙ୍କ "ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । କଲେଜ୍ ଅଧକ୍ଷ ଦେବେନ୍ଦ୍ର ନାରାୟଣ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ରୂପେ ଅଧାପକ ସୁରେଶ ପଣ୍ଡା, ଅବସରପ୍ରାପ୍ତ ପ୍ରାଧାପକ ଭରଦ୍ୱାଜ ମହାକୁଡ଼ ଯୋଗ ଦେଇଥିଲେ। ଅଧାପିକା ସୁଶ୍ରୀ ସବିତା ବାଘ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ଓଡ଼ିଆ ହସ୍ତାକ୍ଷର ଲିଖନ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା ।

# ଘଣ୍ଟାପଡ଼ା ଅଙ୍ଗନବାଡି କେନ୍ଦ୍ରରେ ହିତାଧିକାରୀଙ୍କୁ ସାମଗ୍ରୀ ବଣ୍ଟନ

**ଘଣ୍ଟାପଡ଼ା,୩୦ ।୧ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ୧ନଂ ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନା ସାହୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁର୍ଣ୍ଣୀ ଯୋଜନାରେ ୯ ବର୍ଷରୁ ୧୮ ବର୍ଷର ବାଳିକା, ଗର୍ଭବତୀ ମହିଳା, ପ୍ରସୂତୀ ମହିଳା ଓ ଦିବ୍ୟାଙ୍ଗଙ୍କୁ ମୁଢ଼ି, ଚଣା, ଭଜାବାଦାନ ଓ ରାଶି ଲଡୁ ପ୍ରଦାନ କରାଯାଇଛି । ଯାଞ୍ଚ କମିଟିର ଅଧକ୍ଷ ପ୍ରଭାତ ସାହୁ, ୱାର୍ଡ ସଭ୍ୟା ମମତା ସାହୁ ଓ କମିଟିର ସଦସ୍ୟା ଉପସ୍ଥିତ ଥିଲେ । ସେବିକା ବବିତା ମହାନ୍ତି ସହଯୋଗ କରିଥିଲେ ।



# ଜିଲ୍ଲାସ୍ତରୀୟ କନିଷ୍ଠ ରେଡ଼କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

## ୧୨ ଛାତ୍ରଛାତ୍ରୀ ରାଜ୍ୟସ୍ତରକୁ ମନୋନୀତ



**ଘଣ୍ଟାପଡ଼ା,୩୦ ।୧ (ସମିସ):** କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ହାଇସ୍କୁଲ ଆଦର୍ଶ ଖେଳ ପଡିଆରେ ୨ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷାବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର ସଭାପତିତ୍ୱ କରିଥିଲେ। କଣ୍ଟାମାଳ ବିଧାୟକ ତଥା ଯୋଜନା ବୋର୍ଡର ଅଧକ୍ଷ ମହିଧର ରଣା ମୁଖ୍ୟଅତିଥି, ୧ନଂଜୋନର ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନ, ଆୟୋଜକ କମିଟିର ସଂପାଦକ ତଥା ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ପିତବାସ ପଣ୍ଡା, ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଆନନ୍ଦ ବେହେରା ଓ ବୌଦ୍ଧ ଜୁନିଅର ରେଡକ୍ରସ ଅଧିକାରୀ ନବକିଶୋର ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ରାଜ୍ୟସ୍ତରୀୟ ଜୁନିଅର ରେଡକ୍ରସ ପାଇଁ ମନୋନୀତ କରାଯାଇଛି । ସେମାନେ ହେଲେ ପ୍ରିୟଙ୍କା ଭୁକ୍ତା, ପ୍ରିୟମ୍ବଦା ସାହୁ, ସ୍ୱସ୍ତିକ ରଣା, ପ୍ରତ୍ୟୁଷ ପ୍ରିୟଦର୍ଶନୀ କୁମ୍ଭାର, ଚନ୍ଦ୍ରମା ସାହୁ, ପ୍ରତିଭା ସାହୁ, ଅଙ୍କିତ ପ୍ରଧାନ, ସୁନେଲି ମିଶ୍ର, ଦେବାନନ୍ଦ ବିଶି, ଅନୁଭବ ମେହେର, ରେଶ୍ମା ମାଝୀ ଓ ଅରୁଣ ମିଶ୍ର। ଶିକ୍ଷକ ବନମାଳୀ ମେହେର ମଞ୍ଚ ପରିଚାଳନା କରିଥିବା ସ୍ଥଳେ ନବକିଶୋର ଦୀପ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିନିକା ସିଦ୍ଧାର୍ଥ ଜୁନିଅର କଲେଜ ଅଧକ୍ଷା ସମ୍ମାନିତ



**ବିନିକା,୩୦ ।୧(ସମିସ):** ବିନିକା ସିଦ୍ଧାର୍ଥ ଜୁନିଅର କଲେଜ ଅଧକ୍ଷା ରେଖା ପ୍ରଧାନ ଚଣ୍ଡିଖୋଲସ୍ଥିତ ମହାବିନାୟକ ମନ୍ଦିରରେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ମହାବିନାୟକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ, ସଭାପତି ବିଜୟଲକ୍ଷ୍ମୀ ସାମନ୍ତରାୟ, କୁମରବର ଦାସ, ଅଲେଖ ଚନ୍ଦ୍ର ପ୍ରତିଆରି, ଯୁବ ସାହିତ୍ୟିକ ସନ୍ତୋଷ ଖମାରୀ, ଡକ୍ଟର ଦିପାୟନ ପଟ୍ଟନାୟକ, ବିଶ୍ୱଜିତ ସୂର୍ଯ୍ୟ ବଂଶୀ, ନିତ୍ୟାନନ୍ଦ ଖମାରୀ, କାଳୀପଦ ପଣ୍ଡା, ଡ. ବସନ୍ତ କିଶୋର ବାବୁ ପ୍ରମୁଖଙ୍କ ଉପସ୍ଥିତିରେ ଓଡ଼ିଶା ଭିଜିଲାନ୍ସ ବିଭାଗର ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପ୍ରଧାନଙ୍କୁ ସମ୍ମାନିତ କରିଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ ରାଜ୍ୟପାଳ



**ସୋନପୁର,୩୦ ।୧(ସମିସ):** ସୁବର୍ଣ୍ଣପୁର ସଦର ବ୍ଲକ୍ ମୟୂରଉଡାନ ପଞ୍ଚାୟତ ରୁଗୁଡିପାଲି ଅଙ୍ଗନବାଡି କେନ୍ଦ୍ରରେ ରାଜ୍ୟପାଳ ରଘୁବର ଦାସ ଶିଶୁ ଓ ମା’ମାନଙ୍କ ସହ କଥାବାର୍ତ୍ତା ହୋଇଛନ୍ତି । ଅଙ୍ଗନବାଡି କର୍ମୀ ଗୀତାଞ୍ଜଳି ରଣାଙ୍କ ସହ ସେ ଆଲୋଚନା କରିଥିଲେ । ପରେ ରଜ୍ୟପାଳ ରେଙ୍ଗାଲି ଅଯୋଧ୍ୟା ପ୍ରସାଦ ବିଦ୍ୟାପୀଠରେ କୃଷିବିଭାଗ ପକ୍ଷରୁ ଆୟୋଜିତ ସଭାରେ ବାଙ୍କନ୍ତେନ୍ତୁଲି ଗ୍ରାମର ଗ୍ରାମବାସୀ ଓ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସୋନପୁର ସୂତାକଳ ପୁନଃ କାର୍ଯ୍ୟକ୍ଷମ ପାଇଁ ଲୋକେ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଏଡିଏମ୍ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ତଳଗାଁ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ




**ହରଭଙ୍ଗା / ଚାରିଛକ, ୩୦ ।୧ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତରେ ମନ୍ତ୍ରୀ ପ୍ରଦୀପ ଅମାତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ଡାକପଦର, ଗଣ୍ଡା ପାଜୁ, ଗୋରଡା ମୁଣ୍ଡା, କିରାମାସ୍କା, ଗଣ୍ଡିସର, ଗୋଛାବାରୀ, ସାନ ଗୁଣ୍ଡୁରୀ ସାହି, ପତାକା ବାରି, ସାନକୁଇ ଓ ତଳଗାଁ ଆଦି ୧୦ଟି ଗ୍ରାମରେ ୧୦ଟି ଉଠା ଜଳସେଚନ ପ୍ରକଳ୍ପ ୪କୋଟି ୭୦ଲକ୍ଷରୁ ଅଧିକ ଟଙ୍କାର ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଉଦ୍‌ଘାଟନ, ତଳଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ବେହେରା ସାହି ନାଳ ଉପରେ ନୂତନ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ବେହେରା ସାହି ଗ୍ରାମ୍ୟ ସଡ଼କଠାରୁ ଗୋଠ ଖୋଲ ପର୍ଯ୍ୟନ୍ତ ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ୧୦ଟି ଉଠାଜଳ ପ୍ରକଳ୍ପରୁ ପ୍ରାୟ ୬୦୦ହେକ୍ଟର ଚାଷ ଜମିରେ ଜଳ ସେଚନ ହୋଇପାରିବ ବୋଲି ଅନୁମାନ କରାଯାଇଛି। ଉନ୍ନୟନ ମୂଳକ କାର୍ଯ୍ୟର ଉଦ୍‌ଘାଟନୀ ଉତ୍ସବ ପରେ ଏକ ସାଧାରଣ ବୈଠକ ତଳଗାଁ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀଙ୍କ ସମେତ ଓଡିଶା ଉଠା ଜଳ ସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ, ବୌଦ୍ଧ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଚିତ୍ତ କର୍ଣ୍ଣ, ସାଂସଦ ପ୍ରତିନିଧି ବିଶ୍ୱଜିତ ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରତିମା କହଁର, ବାଣିଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର, ଛତ୍ରଙ୍ଗ ଓ ମହାଲିକପଡା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଗଣ ଉପସ୍ଥିତ ରହିଥିବା ବେଳେ ଜ୍ୟୋତି ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଜେଡିର ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା।

# ଘଣ୍ଟାପଡ଼ା ଜୁନିଅର କଲେଜରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଘଣ୍ଟାପଡ଼ା,୩୦ ।୧ (ସମିସ):** କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଟିକେଏସଏମଆରଜି ଜୁନିଅର କଲେଜରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍ଘାଟିତ ହୋଇଛି। ପ୍ରୋଗ୍ରାମ ଅଫିସର ଖେଳ ଶିକ୍ଷକ ରାଜକିଶୋର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପରମାନନ୍ଦ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୁଖ୍ୟବକ୍ତା ଭାବେ ପ୍ରଭାତ ସାହୁ, ଅନ୍ୟତମ ଅତିଥି ଭାବେ ଅଧାପକ ଝସକେତନ ଡାଙ୍ଗ, ସତ୍ୟନାରାୟଣ ପଣ୍ଡା, ପରେଶ ସାହୁ, ନୀଳକଣ୍ଠ ସା, ଅଧାପିକା ସସ୍ମିତା ଖ୍ୱାସ, ମାଷ୍ଟର ଟ୍ରେନର ପଞ୍ଚଦିନୀ ଜାନି ପ୍ରମୁଖ ଯୋଗ ଦେଇଥିଲେ।



# ଜିଲ୍ଲା ବଣିକ ସଂଘର ବାର୍ଷିକ ସାଧାରଣ ସଭା



**ସୋନପୁର,୩୦ ।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ବ୍ୟବସାୟୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଲଢେଇ କରିବ ଜିଲ୍ଲା ବଣିକ ସଂଘ। ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ଟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ବାର୍ଷିକ ସାଧାରଣ ସଭାରେ ଏ ନେଇ ଶପଥ ପାଠ କରାଯାଇଛି। ସ୍ଥାନୀୟ ଅଗ୍ରସେନ ଭବନରେ ଅନୁଷ୍ଠିତ ସଭାରେ ଜିଲ୍ଲା ବିଭିନ୍ନ ପ୍ରାନ୍ତରୁ ଶତାଧିକ ବ୍ୟବସାୟୀ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲେ। ଧୀରେନ୍ଦ୍ର ପଟ୍ଟନାୟକଙ୍କୁ ସଭାପତି, ନନ୍ଦକିଶୋର କମାଣୀଙ୍କୁ ଉପ ସଭାପତି, ଗୁଣନିଧି ମେହେରଙ୍କୁ ସାଧାରଣ ସଂପାଦକ, ସଞ୍ଜୟ ରାୟଙ୍କୁ ସହ ସଂପାଦକ ଏବଂ ଆନନ୍ଦ ଭୁତଙ୍କୁ କୋଷାଧକ୍ଷ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିପରି ବିନିକା ବ୍ଲକ (ଉପସଭାପତି) ରୁ ରଞ୍ଜନ ପାତ୍ର ଏବଂ ଉଲୁଣ୍ଡା ବ୍ଲକ (ଉପସଭାପତି) ରୁ ଯଶୋବନ୍ତ ପଣ୍ଡା ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟିରେ ରାମକୃଷ୍ଣ ମେହେର, ବି ସତ୍ୟନାରାୟଣ ରାଓ, ଅଶ୍ୱିନୀ ତ୍ରିପାଠୀ, କୃଷ୍ଣଚନ୍ଦ୍ର ମେହେର, ଗଣେଷ ମହାଲିକ ଏବଂ ରବୀନ୍ଦ୍ର କର୍ମକାର ରହିଛନ୍ତି।

# ଅସୁରଗଡ଼ ଲୋକ ମହୋତ୍ସବ ଉଦ୍‌ଯାପିତ




**ଶଗଡ଼ା,୩୦ ।୧ (ସମିସ):** କଣ୍ଟାମାଳ ବ୍ଲକ ମନମୁଣ୍ଡା ସୁବର୍ଣ୍ଣମେରୁ ପଡିଆରେ ପ୍ରଥମ ଅସୁରଗଡ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ, କଣ୍ଟାମାଳ ବିଧାୟକ ମହିଧର ରଣା, ଜିଲ୍ଲା ପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ, ୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପୂର୍ବତନ ବୌଦ୍ଧ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର, ବ୍ଲକ ଅଧକ୍ଷା ସସ୍ମିତା ସେନାପତି, ବୟନିକା ସଭାପତି ପ୍ରକାଶ ମେହେର, ହସ୍ତତନ୍ତ ବିଭାଗର ଉପଦେଷ୍ଟା ସୌଭାଗ୍ୟ ରଞ୍ଜନ ନାୟକ, ବିକାଶ ଫାଉଣ୍ଡେସନର ପ୍ରତିଷ୍ଠାତା ବିକାଶ ମିଶ୍ର, ସୋନପୁର ମୁନିସପାଲିଟିର ପୂର୍ବତନ ଚେୟାରମେନ ପ୍ରକାଶ ସାହୁ, ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, କମିଟି ସଭାପତି ଆଶିଷ ସାହୁଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ‘ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ’




**ସୁବଲୟା,୩୦ ।୧(ସମିସ):** ଜଗନ୍ନାଥ ସଂସ୍କୃତି ଆଞ୍ଚଳିକତା ଭିତରେ ଆବଦ୍ଧ ନ ହୋଇ ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ ହୋଇଛି। ଏହା ଓଡ଼ିଆର ଅସ୍ମିତା, ଓଡ଼ିଆ ଜୀବନ ବେଦର ପରିଚାୟକ। ଯୁଗଯୁଗ ଧରି ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ସଂସ୍କୃତି ବର୍ଣ୍ଣିତ । ଏହି ସଂସ୍କୃତି ବିଶ୍ୱଚେତନାର ପ୍ରତୀକ ବୋଲି ସୋମବାର ବୀରମହାରାଜପୁର ଉଚ୍ଚ ମାଧମିକ ବିଦ୍ୟାଳୟରେ ଅନୁଷ୍ଠିତ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଓଡ଼ିଆ ପ୍ରଧାପକ ନିରଞ୍ଜନ ପାଣ୍ଡିଆ କହିଛନ୍ତି। ସେହିପରି ଆଲୋଚକ ଭାବେ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ ଯୋଗଦେଇ କହିଥିଲେ ଜଗନ୍ନାଥ ସର୍ବଧର୍ମର ଦେବତା। କଲେଜର ଅଧକ୍ଷ ସୁଦାମଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଆଇନଜୀବୀ ତଥା ସାମ୍ବାଦିକ ସ୍ୱୟମ୍ଭୁନାଥ ଖଣ୍ଡଗିରି ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କଲେଜର ଓଡ଼ିଆ ବିଭାଗର ମୁଖ୍ୟ ସୂର୍ଯ୍ୟ ନାରାୟଣ ପଣ୍ଡା, ଓଡ଼ିଆ ଅଧାପକ ପ୍ରକାଶ ସେଠ ଯୋଗଦେଇ ଜଗନ୍ନାଥ ସଂସ୍କୃତି ବାବଦରେ ଆଲୋଚନା କରିଥିଲେ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ନୋଡାଲ ଅଫିସର ଡ. ହିମାଂଶୁ ଶେଖର ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇତିହାସ ଅଧାପିକା ଡ. ବନ୍ଦିତା ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଶେଷରେ ଓଡ଼ିଆ ଅଧାପକ ସଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ୍ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଚେତନା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ପ୍ରଭାତ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ମହିଳା ମହାବିଦ୍ୟାଳୟର ଅଧାପକ ସିବଦତ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସନ୍ମାର୍ଗ ବୌଦ୍ଧର ଆବାହକ ନୀଳ ଲୋହିତ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସୁଶ୍ରୀ ସୋନାଲି ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ, କ୍ରୀଡ଼ା ଶିକ୍ଷକ ସୁବାଷ ଭୋଇ, ଧ୍ରୁବ ଚରଣ ପାଣିଗ୍ରାହୀ ଯୋଗ ଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ଅଶୋକ ପାଣ୍ଡିଆ କାର୍ଯ୍ୟକ୍ରମକୁ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ସୁଶ୍ରୀ ଲିପାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



